ଧରିତ୍ରୀ
DHARITRI
May 7-13, 2023 ₹ 2/-

# ହସ ବଇଦ



ପ୍ରଚ୍ଛଦ ପ୍ରସଙ୍ଗ ୩

ଲୁହଧାରକୁ  କେମିତି ହସରେ ବଦଳେଇ
ହେବ ସେ କଳା ଏମାନଙ୍କୁ ବେଶ୍ ଜଣା। ଯେତେ ଦୁଃଖ
କଷ୍ଟରେ ଥିଲେ ବି ବର୍ଷକ ବାରମାସ–ତିନିଶ’ପଞ୍ଚଷଠି ଦିନ
ଏମାନଙ୍କ ପାଇଁ ହାସ୍ୟ ଦିବସ। ହସ ବିନା ଯେମିତି ଏମାନଙ୍କ
ଜୀବନ ଅଧୁରା। ସମସ୍ତଙ୍କୁ ହସ ବଟିକା ବାଣ୍ଟୁଥିବା ଏଇ ହସ
ବଇଦମାନଙ୍କ କଥା ଏଥରର ପ୍ରଚ୍ଛଦରେ...

# ସକାଳୁ କ'ଣ କରିବା ଶୁଭ

**କୁହାଯାଏ, ଯେଉଁଠାରେ ନକାରାତ୍ମକ ଉର୍ଜ୍ଜା ରହିଥାଏ, ସେଠାରେ କେବେ ବି ମା' ଲକ୍ଷ୍ମୀ ବାସ କରନ୍ତି ନାହିଁ କି ସେଠି କୌଣସି ଉନ୍ନତି ହୋଇ ନଥାଏ। ତେଣୁ ବାସ୍ତୁଶାସ୍ତ୍ରରେ ଏମିତି କିଛି ସରଳ ଉପାୟ କୁହାଯାଇଛି, ଯାହାକୁ ପ୍ରତିଦିନ ସକାଳୁ ଉଠିବା ପରେ କଲେ ଅନେକ ଶୁଭଫଳ ମିଳିଥାଏ...**

✲ ସକାଳୁ ଉଠିବା ମାତ୍ରେ ଘରର ସ୍ତ୍ରୀଲୋକ ଯଦି ପ୍ରତିଦିନ ଦାଣ୍ଡଦୁଆରକୁ ସଫାସୁତୁରା କରିଥାନ୍ତି, ତ'ହେଲେ ଘରକୁ କୌଣସି ପ୍ରକାରର ନକାରାତ୍ମକ ଉର୍ଜ୍ଜା ପ୍ରବେଶ କରେନାହିଁ ବୋଲି ବିଶ୍ୱାସ ରହିଛି।

✲ ସେହିପରି ପ୍ରତିଦିନ ସକାଳେ ଠାକୁର ପୂଜା କରି ସାରିବା ପରେ କିଛି ହଳଦୀ ମିଶା ପାଣି ନେଇ ଦାଣ୍ଡଦୁଆରେ ଛିଞ୍ଚିଦେଲେ



ନକାରାତ୍ମକ ଉର୍ଜ୍ଜା ନଷ୍ଟ ହୋଇ ଘରକୁ ମା'ଲକ୍ଷ୍ମୀଙ୍କର ଆଗମନ ହୋଇଥାଏ।

✲ ସକାଳେ କୌଣସି କାମରେ ଘରୁ ବାହାରିବା ପୂର୍ବରୁ ମୁଖ୍ୟଦ୍ୱାରରେ ସ୍ୱସ୍ତିତ ଚିହ୍ନ କରି ତାକୁ ଦେଖିକି ଗଲେ ଶୁଭ ହୁଏ। ଘରେ ପ୍ରତିଦିନ ସ୍ୱସ୍ତିକ ପୂଜା କରିବା ବି ଶୁଭଫଳ ଦେଇଥାଏ।

✲ ସକାଳୁ ଉଠିବା ପରେ ଅଇଁଠା ବାସନ ଦେଖିବା ବି ଆଦୌ ଶୁଭ ନୁହେଁ। ସେଥିପାଇଁ ରାତିରେ ଶୋଇବା ପୂର୍ବରୁ ଅଇଁଠା ବାସନକୁ ମାଜିଦେବା ଉଚିତ୍। ନଚେତ୍ ମା' ଲକ୍ଷ୍ମୀ ରୋଷ କରିଥାନ୍ତି ବୋଲି ବାସ୍ତୁଶାସ୍ତ୍ରରେ କୁହାଯାଇଛି।

✲ ଯଦି କୌଣସି କାରଣ ବଶତଃ ଅଇଁଠା ବାସନ ରାତିରେ ଧୋଇ ପାରି ନାହାନ୍ତି, ତା'ହେଲେ ତାକୁ ସେମିତି ନ ରଖି ଖାଲି ପାଣିରେ ଥରେ ଧୋଇ ଦେଇକି ରଖିଦେବେ। ସକାଳୁ ଉଠି ପ୍ରଥମେ ତାକୁ ମାଜି ସଫା କରିଦେବେ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ମେ ୭-୧୩

| ମେଷ | ବୃଷ | ମିଥୁନ | କର୍କଟ | ସିଂହ | କନ୍ୟା |
|---|---|---|---|---|---|
| ନିରୁତ୍ସାହିତ ରହିବେ, କାମ ଅଟକି ରହିବ, ଅର୍ଥସଂକଟ ଦେଖାଦେବ, ସହକର୍ମୀଙ୍କ ପ୍ରେରଣା, ସାହିତ୍ୟାନୁରାଗୀ ହେବେ, ସାମ୍ବାଦିକତାରେ ଗୌରବ, ରୋଗପୀଡା କମିବ, ସମସ୍ୟାର ସମାଧାନ, ମନୋବଳ ବୃଦ୍ଧି ॥ | ଶାରୀରିକ ସୁସ୍ଥତା, ନୁଆ ଯୋଜନା, ବନ୍ଧୁଙ୍କ ସାହାଯ୍ୟ, ଋଣଗ୍ରସ୍ତ ହେବେ, ସମାଲୋଚିତ ହୋଇପାରନ୍ତି, ବନ୍ଧୁ ମିଳନ, ଯାତ୍ରାରେ ସଫଳତା, ଖର୍ଚ୍ଚ ପରିମାଣ ବୃଦ୍ଧି, ପଡୋଶୀଙ୍କ କଳହ, ସାମାଜିକ ସମ୍ମାନ, ପଦମର୍ଯ୍ୟାଦା ବୃଦ୍ଧି, ଦୂରଯାତ୍ରା କରିବେ ॥ | ମାନସିକ ଉଦ୍‌ବେଗ, ବନ୍ଧୁଙ୍କ ଅନୁରକ୍ତି, ସହଯୋଗ ପାଇବେ, ଦୃଢ ପଦକ୍ଷେପ ନେବେ, ଚେଷ୍ଟା ସଫଳ ହେବ, ପ୍ରତିଯୋଗିତାରେ ସଫଳତା, ଖୁସିର ଆସର ଜମିବ, ଋଣ ପରିଶୋଧ, ଶୁଭ ଖବରପ୍ରାପ୍ତି ॥ | ମାନସିକ ଦ୍ୱନ୍ଦ୍ୱ, ଫଳପ୍ରଦ ଆଲୋଚନା, ବନ୍ଧୁଙ୍କ ପରାମର୍ଶ, ଅବସାଦ ଦୂର ହେବ, ମନୋରଞ୍ଜନର ସୁଯୋଗ, ସଭାସମିତିକୁ ନିମନ୍ତ୍ରଣ, ବାଣିଜ୍ୟରେ ପ୍ରତିବନ୍ଧକ, ପରିବହନରେ ଝଗଡା ॥ | କର୍ମକ୍ଷେତ୍ରରେ କଳହ, ବନ୍ଧୁଙ୍କ ମିଥ୍ୟା ପ୍ରତିଶ୍ରୁତି, ପଦାଧିକାରୀଙ୍କ ଆଶ୍ୱାସନା, ସ୍ୱାସ୍ଥ୍ୟ ସମସ୍ୟା, କଳାପ୍ରିୟ ହେବେ, ବ୍ୟବହାରରେ ରକ୍ଷତା, ମାନସିକ ଅସ୍ଥିରତା, ସନ୍ତାନଙ୍କ ବିଶୃଙ୍ଖଳା, ପରୋକ୍ଷ ଶତ୍ରୁତା ॥ | ଉଚ୍ଚଚିନ୍ତା କରିବେ, କର୍ମକ୍ଷେତ୍ରରେ ଦକ୍ଷତା, ପୁରସ୍କୃତ ହେବେ, ବନ୍ଧୁଙ୍କ ସମାଲୋଚନା, ସ୍ଥଗିତ କର୍ମାରମ୍ଭ, ବିଳମ୍ବରେ ସଫଳତା, କଚେରୀ ମାମଲା, ଦୁଃଶ୍ଚିନ୍ତା ବୃଦ୍ଧି, ତରବରିଆ ପଦକ୍ଷେପ, ଦୂରଯାତ୍ରାର ଯୋଜନା, କାର୍ଯ୍ୟସିଦ୍ଧି ହେବ। |

| ତୁଳା | ବିଛା | ଧନୁ | ମକର | କୁମ୍ଭ | ମୀନ |
|---|---|---|---|---|---|
| ବିବାଦୀୟ ସ୍ଥିତି, ସମ୍ପର୍କ ବ୍ୟାହତ ହେବ, ନିଜ ଲୋକଙ୍କ ପକ୍ଷପାତିତା, ଉପରିସ୍ଥଙ୍କ ଅନୁକମ୍ପା, ସାହିତ୍ୟାନୁରାଗ, ନୂଆ ବ୍ୟବସାୟ ଯୋଡିବେ, ପ୍ରତିଦ୍ୱନ୍ଦ୍ୱୀଙ୍କ କଟାକ୍ଷ, ସଫଳତା ହାସଲ, ସାହାଯ୍ୟ ଲାଭ, ମନୋବଳ ବଢିବ ॥ | ଦୈହିକ ଦୁର୍ବଳତା, ସମ୍ପର୍କହାନୀ, ବନ୍ଧୁ ଦୂରେଇ ରହିବେ, ବିଶ୍ୱାସ କରି ଫସିଯିବେ, କ୍ଷତିରେ ପଡିପାରନ୍ତି, ସ୍ୱଜନ ଶତ୍ରୁତା, ଯାନବାହନ ଲାଭ, ଲେଖାପଢାରେ କୁଶଳ, ବିବାଦ ଥମିଯିବ, ପାରିବାରିକ ଶାନ୍ତି, ସନ୍ତାନହେତୁକ ଗୌରବ ॥ | ଆଦେଶପ୍ରାପ୍ତ ଯାତ୍ରା, ବିଳମ୍ବରେ କାର୍ଯ୍ୟସିଦ୍ଧି, ମାନସିକ ଦ୍ୱନ୍ଦ୍ୱ, ମନୋବଳ ହ୍ରାସ, ପରିସ୍ଥିତି ବଦଳିପାରେ, ଶିଳ୍ପବାଣିଜ୍ୟରେ ଉନ୍ନତି, ସାଂସ୍କୃତିକ କାର୍ଯ୍ୟକ୍ରମ, ଅଗ୍ରଣୀ ଭୂମିକା ନେବେ, ସମସ୍ୟା ସୁଧାରି ନେବେ ॥ | ଦ୍ୱନ୍ଦ୍ୱ ଦୂରହେବ, ନୀରବ ରହିପାରନ୍ତି, ଅତୀତ ଅନୁଚିନ୍ତା, କହିଲେ ଅସୁବିଧା ନ କହି ରହି ପାରିବେନି, ଭାବପ୍ରବଣ ହେବେ, ଅଧୈର୍ଯ୍ୟ ଲାଗିବ, ପ୍ରଶାସନିକ ସଫଳତା, ଆଇନ ସହାୟତା ପ୍ରାପ୍ତି, ପ୍ରକାଶନରେ ବିଳମ୍ବ, ସଙ୍ଗୀତ ସାଧନାରେ ପ୍ରୀତି ॥ | ନିୟନ୍ତ୍ରିତ ସ୍ୱାସ୍ଥ୍ୟ, ବନ୍ଧୁପ୍ରିୟ ହେବେ, ଆର୍ଥିକ ସାହାଯ୍ୟ ପାଇବେ, ସମସ୍ୟା ଆସିବ, ତୀର୍ଥାଟନର ସୁଯୋଗ, ନୂତନ କାର୍ଯ୍ୟାରମ୍ଭ, କଳହରେ ପଶନ୍ତୁନି, ମନୋମାଳିନ୍ୟ ଦୂର ହେବ, ସୌଖୀନ ଦ୍ରବ୍ୟ କ୍ରୟ, ଦ୍ରବ୍ୟନଷ୍ଟରୁ କ୍ଷୋଭ ॥ | ଯୋଜନା କାର୍ଯ୍ୟକାରୀ ହେବ, ଅନଟନ ଦେଖା ଦେବ, ଦୁଶ୍ଚିନ୍ତା ବଢିବ, ଦ୍ରବ୍ୟପ୍ରାପ୍ତିରୁ ଆନନ୍ଦ, ଯନ୍ତ୍ରଣା ଅନୁଭବ କରିବେ, ବୁଝାମଣାରେ ବିଘ୍ନ, ତିକ୍ତତା କମିବନି, ବନ୍ଧୁଙ୍କ ମଧ୍ୟସ୍ଥତା, ଆଶା ପୂରଣ ହେବ, ନିର୍ମାଣର ଶେଷ ପର୍ଯ୍ୟାୟ, ଅଶୌଚ ଖବରପ୍ରାପ୍ତି ॥ |

# ଗଛ ବି ବଦଳାଇ ଦେବ ଭାଗ୍ୟ

**ଘ**ରେ ଶାନ୍ତି ଓ ସୁଖସମୃଦ୍ଧି ବୃଦ୍ଧି କରିବାକୁ କାହାର ବା ଇଚ୍ଛା ନୁହେଁ। ସେଥିପାଇଁ କିଏ କେତେ ପ୍ରକାରର ବିଧିବିଧାନକୁ ଆପଣେଇଥାନ୍ତି। ହେଲେ ବାସ୍ତୁଶାସ୍ତ୍ର ଅନୁସାରେ, ଏମିତି ବି କେତେକ ଗଛ ଅଛି ଯାହାକୁ ଘରେ ଲଗାଇବା ଦ୍ୱାରା ଧନବୃଦ୍ଧି ହେବା ସହ ଭାଗ୍ୟ ମଧ୍ୟ ବଦଳିଯାଇଥାଏ। ଯେମିତିକି **ମନିପ୍ଲାଣ୍ଟ**। ବାସ୍ତୁଶାସ୍ତ୍ର କହେ, ଗୃହର ଆଗ୍ନେୟ କୋଣରେ ଏହି ବୃକ୍ଷକୁ ଲଗାଇଲେ ଘରେ ସକାରାତ୍ମକ ଶକ୍ତି ବୃଦ୍ଧି ପାଇଥାଏ। ତା'ଛଡ଼ା ଏହି ବୃକ୍ଷକୁ ଏମିତି ଲଗାଇବା ଦରକାର ଯେମିତିକ ଏହାର ଡାଳ ଓ ପତ୍ର ଉର୍ଦ୍ଧ୍ୱଗାମୀ ହୋଇ ବଢୁଥିବ। ତା'ଛଡ଼ା ଏହି ଗଛର ପତ୍ର ଯେତେ ସବୁଜ ଶ୍ୟାମଳ ହୋଇ ରହିବ ସେତେ ଭଲ। ସେହିପରି **ତୁଳସୀ ଗଛ**କୁ ପବିତ୍ରତାର ସ୍ୱରୂପ ବୋଲି କୁହାଯାଇଥାଏ। ଘରୁ ନକାରାତ୍ମକ ଶକ୍ତିକୁ ଦୂର କରିବାରେ ଏହା ବେଶ୍ ସହାୟକ ହୋଇଥାଏ। ତେବେ ଘରର ଉତ୍ତର ଦିଗ କିମ୍ବା ଉତ୍ତର-ପୂର୍ବ ଦିଗରେ ତୁଳସୀ ଗଛକୁ ଲଗାଇବା ଅତ୍ୟନ୍ତ ଶୁଭ ହୋଇଥାଏ। **ଧଳା ଅପରାଜିତା** ଫୁଲ ଫୁଟୁଥିବା ଗଛ ଘରେ ଲଗାଇବା ମଧ୍ୟ ଶୁଭ ହୋଇଥାଏ। ଏହାଦ୍ୱାରା କୁଆଡ଼େ ଘରେ ଧନବୃଦ୍ଧି ହୁଏ ବୋଲି ବିଶ୍ୱାସ କରାଯାଏ। **ଏରିକା ପାମ୍** ବୃକ୍ଷକୁ ବି ଲକି ପ୍ଲାଣ୍ଟ ବୋଲି ଅନେକେ କହିଥାନ୍ତି। ଏହି ବୃକ୍ଷ କେବଳ ଦେଖିବାକୁ ସୁନ୍ଦର ହୋଇଥାଏ ତାହା ନୁହେଁ, ଏହାକୁ ଘରେ ରଖିଲେ ଘରର ବାୟୁ ସ୍ୱଚ୍ଛ ରହିବା ସହ ଘରେ ଐଶ୍ୱର୍ଯ୍ୟ ମଧ୍ୟ ବୃଦ୍ଧି ପାଇଥାଏ। **ବାମ୍ବୋ ପ୍ଲାଣ୍ଟ** ବି ଘର ପାଇଁ ସମୃଦ୍ଧି ଆଣିଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି।



# ପାଠକୀୟ

➤ନୃତ୍ୟ କେବଳ ମନୋରଞ୍ଜନ କରେନାହିଁ। ଏହା ଏକ ଥେରାପି ମଧ୍ୟ, ଯାହା ମାଧ୍ୟମରେ ଉଭୟ ଶରୀର ଓ ମନ ସୁସ୍ଥ ରହିପାରିବ। ତେଣୁ ଏଭଳି ଏକ ସମୟୋପଯୋଗୀ ବିଷୟକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ଡ୍ୟାନ୍ସ ଥେରାପି' ବେଶ୍ ମନଛୁଆଁ ହୋଇପାରିଥିଲା। 'ଦିଗର ପ୍ରଭାବ', 'ଖରାପାଇଁ କମଳା ଜୁସ୍' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା।

*– ଧର୍ମେନ୍ଦ୍ର ସାହୁ, ରସୁଲଗଡ଼, ଭୁବନେଶ୍ୱର*

➤ଡ୍ୟାନ୍ସ ଥେରାପି ବା ନୃତ୍ୟ ଚିକିତ୍ସା ହେଉଛି ଭାବନାତ୍ମକ, ସୃଜନାତ୍ମକ ତଥା ଶାରିରୀକ ସୁସ୍ଥତା ପାଇଁ ଉପଯୋଗ ହେଉଥିବା ଏକ ନୃତ୍ୟଶୈଳୀ ; ଯାହା ଉଭୟ ଶରୀର ଓ ମନକୁ ସୁସ୍ଥ ରଖିଥାଏ। ତେଣୁ ଡ୍ୟାନ୍ସ ଥେରାପିକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ସତରେ ଏକ ଉପାଦେୟ ଆଲେଖ୍ୟ ଥିଲା। 'ସ୍ଥାପତ୍ୟ କହେ କଥା' ବିଷୟଟି ବି ବେଶ୍ ଆଶ୍ଚର୍ଯ୍ୟକର ହୋଇଥିଲା।

*– ମମତା ସେଠୀ, ପିପିଲି, ପୁରୀ*

➤ବ୍ୟକ୍ତିତ୍ୱ ପୃଷ୍ଠାରୁ ଗାୟିକା ରତ୍ନ ଲକ୍ଷ୍ମୀପ୍ରିୟା ଦାଶଙ୍କ ଜୀବନି ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ମାଆର ସୁଖ' ଶୀର୍ଷକ ଗପଟି ଯେମିତି ହୃଦୟସ୍ପର୍ଶୀ ଥିଲା 'ଚିତ୍ରକାରର ଛବିଥିବା ବହି' ଶୀର୍ଷକ କବିତାଟି ବି ସେମିତି ମନଛୁଆଁ ହୋଇପାରିଥିଲା। ସିନେମା ପୃଷ୍ଠାଟି ମଧ୍ୟ ବେଶ୍ ଆକର୍ଷଣୀୟ ହୋଇଥିଲା।

*– ସ୍ମୃତିରାଣୀ ତ୍ରିପାଠୀ, ଜଙ୍କିଆ, ଖୋର୍ଦ୍ଧା*

➤ଓଡ଼ିଆ ସାହିତ୍ୟ, ସଂସ୍କୃତିର ଉପାସିକା ସଞ୍ଜୁଶ୍ରୀ ନାୟକଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ବେଶ୍ ମନଛୁଆଁ ହୋଇଥିଲା। ସାଥୀର ଉତ୍ତର ବି ରୋମାଣ୍ଟିକ୍‌ଭରା ଥିଲା। ଅମିତା ତରେଇ ସବୁଜ ପୃଥିବୀ ଲାଗି କରୁଥିବା ପ୍ରୟାସ ସତରେ ଖୁବ୍ ପ୍ରେରଣାଦାୟୀ ଥିଲା। ମଡେଲ୍ ମିରର୍‌ରେ ପ୍ରିୟା ବେଶ୍ ସୁନ୍ଦରୀ ଲାଗୁଥିଲେ।

*– ବିଜୟ କୁମାର ବାରିକ, ରାଣୀହାଟ, କଟକ*

➤ପର୍ଯ୍ୟଟନର ସହର ସମ୍ବଲପୁର ସମ୍ପର୍କରେ ସହର ପୃଷ୍ଠାରୁ ବହୁ ଅଜଣା କଥା ଜାଣି ଖୁସି ଲାଗିଲା। ବିବିଧା ପୃଷ୍ଠାରୁ 'କଥା ସେଫ୍ଟି ପିନ୍‌ର' ସମ୍ପର୍କରେ ଅନେକ ଉପାଦେୟ କଥା ଜାଣିହେଲା। 'ମଝିମଝିକିଆ'କୁ ନେଇ ହୋଇଥିବା ବ୍ୟଙ୍ଗ ବି ବେଶ୍ ଶିକ୍ଷଣୀୟ ଥିଲା। ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଝାଳ ପରଫ୍ୟୁମ୍', 'ରାସ୍ତାର ଖାଲଖମାରେ କଣ୍ଢେଇର ଫଟୋସୁଟ୍' ଏବଂ 'କଳା ହେଇଯାଏ ଧଳାଅଣ୍ଡା' ଶୀର୍ଷକ ଲେଖାଗୁଡ଼ିକ ବେଶ୍ ଆଶ୍ଚର୍ଯ୍ୟକର ଥିଲା।

*– ଅନୀଲ ଦାସ, ଖଲ୍ଲିକୋଟ, ଗଞ୍ଜାମ*




## ବିଶେଷ ଚିଠି

ଏଥରର ପ୍ରଚ୍ଛଦ ପ୍ରସଙ୍ଗ
ହୋଇଥିଲା ଭାରୀ ନିଆରା,
ଡ୍ୟାନ୍ସ ଥେରାପିକୁ ନେଇ
ଖୋଲିଥିଲା ତା'ର ପସରା।
ସ୍ଥାପତ୍ୟ ବି କହୁଥିଲା କଥା
ସାଥୀର ଉତ୍ତର ପଢି ଘୁରୁଥିଲା ମଥା,
ସିନେମା ବି ଲାଗୁଥିଲା ଚମତ୍କାର
ସେଥିପାଇଁ ଛୁଟିଦିନ ତୁମକୁ ଜୁହାର।

*– ରଶ୍ମୀପ୍ରଭା ନାୟକ, ସୋର, ବାଲେଶ୍ୱର*

ଧରିତ୍ରୀ ଛୁଟିଦିନ

ସମ୍ପାଦକ: ତଥାଗତ ସତପଥୀ

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ହସ ବଉଦ



ଶ୍ରୀମାନ୍ ସର୍ବଗିଳା



ନବରସ ମଧ୍ୟରୁ ହାସ୍ୟ ରସ ଅନ୍ୟତମ। ତେଣୁ ନିରସ ବିରସ ମନକୁ ହସ ରସରେ ସରସ କରିବାପାଇଁ, ହାସ୍ୟ ଲେଖକ ଓ କଳାକାରମାନଙ୍କର ଗୁରୁତ୍ୱ ସବୁବେଳେ ରହିଆସିଛି। ଏମାନେ ଯାବତୀୟ ଦୁଃଖ ଭିତରେ ରହିଲେ ବି, ବର୍ଷକ ବାରମାସ -ତିନିଶ'ପଞ୍ଚଷଠି ଦିନ ୟାଙ୍କପାଇଁ ହାସ୍ୟ ଦିବସ। ହାସ୍ୟ ବିନା ଏମାନଙ୍କ ଜୀବନ ଅଧୁରା। ଲୁହଧାରକୁ କେମିତି ହସ ଧାରରେ ବଦଳେଇ ହେବ ସେ କଳା ଏମାନଙ୍କୁ ବେଶ୍ ଜଣା। ଏମାନେ କେତେବେଳେ କାନ୍ଦନ୍ତି,-ତାହା ସାଧାରଣ ମଣିଷ ବୁଝିବା ମୁସ୍କିଲ୍। ଜୋକର ଯେମିତି ନିଜର ସୁନ୍ଦର ରୂପକୁ ରଙ୍ଗ ତଳେ ଲୁଚେଇ, ନିଜକୁ ବିକୃତ ରୂପରେ ସଜେଇ ଅନ୍ୟଙ୍କୁ ଆନନ୍ଦ ଦେଇଥାନ୍ତି, ଠିକ୍ ସେମିତି ଅନେକ ହାସ୍ୟ-ବ୍ୟଙ୍ଗ କବି ଅନ୍ୟ ମୁହଁରେ ହସର ବର୍ଷା କରେଇବାକୁ ଆପଣାର ସୁନ୍ଦର ପିତୃଦତ୍ତ ନାଁ ବଦଳେଇ, ବିକୃତ ନାମରେ ନାମିତ ହୋଇ ଖୁସି ବାଣ୍ଟୁଛନ୍ତି। ସେହିମାନଙ୍କ ମଧ୍ୟରୁ କେତେଜଣଙ୍କ ସମ୍ପର୍କରେ...

## ଏହି ନାଁ ମୋ ପରିଚୟ ମୋ ଗୌରବ– ଶ୍ରୀମାନ୍ ସର୍ବଗିଳା

'ଶ୍ରୀମାନ୍ ସର୍ବଗିଳା' ଓରଫ୍ ରତ୍ନାକର ବେହେରା ଜଣେ ଅନନ୍ୟ ବ୍ୟଙ୍ଗକାର। ହାସ୍ୟ ଓ ବ୍ୟଙ୍ଗର ସମନ୍ୱୟରେ ଗଢ଼ା ତାଙ୍କର ପ୍ରତ୍ୟେକଟି ସର୍ଜନା। ଜଣେ କବି, ଗାଳ୍ପିକ, ନାଟ୍ୟକାର, ଅଭିନେତା ଓ ନିର୍ଦ୍ଦେଶକ ଭାବରେ ସବୁରି ପ୍ରିୟ ସର୍ବଗିଳା ବ୍ୟଙ୍ଗ ଜଗତରେ ଏକ ଶ୍ରଦ୍ଧାଶୀଳ ନାଁ। ତାଙ୍କ ସର୍ଜନା ପଥରେ ଥାଏ ହସାଇବା, ରସାଇବା, ପୁଣି ଦଂଶନ ମାଧ୍ୟମରେ ଜାଗ୍ରତ କରେଇବାର ସୂତ୍ର। ଜୀବନର ଗତିପଥରେ ଆସୁଥିବା ସକଳ ନକାରାତ୍ମକ ଭାବ ଓ ପରିସ୍ଥିତିକୁ ସେ ହସର ଅସ୍ତ୍ରରେ ସାମ୍ନା କରିଥାନ୍ତି। ଲେଖାରେ, ପରିବେଷଣରେ ହସକୁ ତିଆରି କରି ତହିଁରେ ପାଠକଙ୍କୁ, ଦର୍ଶକଙ୍କୁ ହସରେ ହଜେଇବା ନୁହେଁ ଅଧିକନ୍ତୁ ସଚେତନତା ଉଦ୍ରେକ କରେଇବା କାମକୁ ସେ ସଫଳ ଭାବରେ କରିପାରନ୍ତି। ଦୁର୍ଘଟଣାରେ ମରଣ ସହ ଲଢ଼ି ଦୁଇ ଗୋଡ଼ ହରେଇଲା ପରେ ବି ସର୍ବଗିଳା ଦର୍ଶେଇ ଦେଇଛନ୍ତି ତାଙ୍କ ଲେଖା ଓ ଜୀବନଚର୍ଯ୍ୟାରେ ଯେ ପୃଥିବୀ ସୁନ୍ଦର ଏବଂ ସେହି ପୃଥିବୀକୁ ରଚନା କରିଥିବା ବିଶ୍ୱନିୟନ୍ତା ଯାହା ବି କରନ୍ତି ମଙ୍ଗଳ ପାଇଁ କରନ୍ତି। ଆଧ୍ୟାତ୍ମିକତାକୁ ଆଧାର କରି ଜୀବନ ଜିଉଥିବା ସର୍ବଗିଳା ସମସ୍ତଙ୍କ ମୁହଁରେ ହସ ଦେଇ ସେଇ ପରମ କାରୁଣିକଙ୍କ ସେବା କରୁଛନ୍ତି ବୋଲି ଭାବନ୍ତି। ପୁରୀ ଜିଲା କାକଟପୁରର ବାଜପୁରରେ ଜନ୍ମିତ ଶ୍ରୀମାନ ସର୍ବଗିଳାଙ୍କ ମା' ବୁଦ୍ଧି ଦେଈ ଓ ପିତା ବନମାଳୀ ବେହେରା। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରୁ ସ୍ୱେଚ୍ଛାକୃତ ଅବସର ପରେ ଏବେ ସେ ସାହିତ୍ୟ ସେବାରେ ବ୍ରତୀ ଅଛନ୍ତି। ତାଙ୍କର ୨୭ଟି ପୁସ୍ତକ ମଧ୍ୟରେ ରହିଛି ଗଳ୍ପ, କବିତା, ରମ୍ୟରଚନା, ନାଟକ ଓ ଆତ୍ମ ଜୀବନୀ। ଏହାସହିତ ଆକାଶବାଣୀ, ବିଭିନ୍ନ ଟିଭି ଚାନେଲ ଓ ରଙ୍ଗମଞ୍ଚରେ ନିଜର କଳା ପାଇଁ ଲୋକପ୍ରିୟ ହୋଇଥିବା ଶ୍ରୀମାନ୍ ସର୍ବଗିଳା ଅର୍ଦ୍ଧ ଶତକରୁ ଅଧିକ ଅନୁଷ୍ଠାନ ତରଫରୁ ସମ୍ମାନିତ ହୋଇଛନ୍ତି। ବ୍ୟଙ୍ଗକାର ଭାବରେ ପରିଚିତ ହେବା ସହ ନିଜ ପାଇଁ ବ୍ୟଙ୍ଗ ନାମ ବାଛିବା ସମ୍ପର୍କରେ ସେ କୁହନ୍ତି – ''ମୁଁ ଅଷ୍ଟମ ଶ୍ରେଣୀରେ ପଢ଼ିବାବେଳେ ବିପ୍ଳବଧର୍ମୀ କବିତା ଲେଖୁଥିଲି। ୧୯୯୨ ଜାନୁୟାରୀ ୧୪ତାରିଖ ମକର ସଂକ୍ରାନ୍ତି ଦିନ, ଶ୍ରୀଯୁକ୍ତ ସତ୍ୟାନାଶ ଡୁବନ ଦେଇ ମୋତେ ଧର୍ମାନ୍ତର କରେଇଲେ। ରତ୍ନାକରରୁ ଶ୍ରୀମାନ୍ ସର୍ବଗିଳା ନାଁକୁ ଆସିଲି। ସନ୍ନ୍ୟାସୀମାନେ ନୂଆ ନାମରେ ପରିଚିତ ହେଲାପରି, ମୋ ଭିତରେ ଥିବା ବିପ୍ଳବ ଭାବ ବ୍ୟଙ୍ଗ-କଟାକ୍ଷ -ହାସ୍ୟରସରେ ବଦଳିଗଲା। ହସେଇବା ମୋର ଏକମାତ୍ର ପ୍ରବୃତ୍ତି ପାଲଟିଗଲା। ଏମିତି ଦେଖିଲେ, ମୋର ଦୁଃଖ ଅଛି ବୋଲି ମୁଁ କେବେ ଅନୁଭବ କରିନାହିଁ। ଜୁଲାଇ ୬ ତାରିଖ,୨୦୨୧ମସିହାରେ ଟ୍ରକ୍ ଦୁଇଗୋଡ଼ ଉପରେ ଚଢି ହାଡ଼କୁ ପାମ୍ପଡ଼ ଭଳିଆ ବଢିଆ ଗୁଣ୍ଡ କରିଦେଲା। ଭାରି ଭଲହେଲା... ଗୋଡ ଯାଇଛି, ଥୋଡ଼ ତ ଅଛି। ଯାହା ହସିବା -ହସେଇବା ପାଇଁ ନିହାତି ଦରକାର। ହାତରେ ସମସ୍ତେ ଲେଖନ୍ତି, ଥୋଡ଼ (ମୁହଁ)ରେ ହସିଥାନ୍ତି... କଥା ହୁଅନ୍ତି। ଏଯାଏ କେହିତ ଗୋଡ଼ରେ ହସିବା ମୁଁ ଜାଣିନି। ତେଣୁ ଦୁଃଖ କିଆଁ କରିବି ? ବରଂ ମୋର ଏମିତି ଅବସ୍ଥାରେ ଯେଉଁ ବନ୍ଧୁମାନେ ଲୁହ ଗଡେଇ ମତେ ଦେଖିବାକୁ ଆସୁଥିଲେ, ସେଇ ବନ୍ଧୁରୂପୀ ଜଗବନ୍ଧୁଙ୍କ ଲୁହ ଦେଖି ମୁଁ ଠୋ ଠୋ ହସି ପଚାରୁଥିଲି... କାନ୍ଦି କାନ୍ଦି କିଏ କ'ଣ ବନ୍ଧୁଙ୍କୁ ଆଶ୍ୱାସନା ଦେଇପାରେ ? ମୋର ହସି ହସି କଥାହେବା ଦେଖି, ସେମାନେ ବି ମୁହଁରେ ହସ ଫୁଟେଇ ଯାଉଥିଲେ। କାହିଁକିନା ମୁଁ କ'ଣ ଏତେ ଅଯୋଗ୍ୟ ବ୍ୟଙ୍ଗକାର ଯେ ବନ୍ଧୁମାନଙ୍କ ଲୁହର କାରଣ ହେବି ? ଦୁଃଖ ଦୁର୍ଦ୍ଦଶା ଏସବୁ ଆମର ହାସ୍ୟ ବ୍ୟଙ୍ଗ ଧାରାର ବାଧକ ନୁହେଁ ବରଂ ଅଧିକ ପ୍ରେରଣା ଯୋଗେଇଥାଏ, ଧୈର୍ଯ୍ୟ ବଢ଼େଇଥାଏ, ଚିତ୍ତକୁ ଅସ୍ଥିର ନ କରି ସ୍ଥିରତା ଅଣେଇଥାଏ। ଦେଖନ୍ତୁ, ନାମ ସହ କାମ ବି କେମିତି ଯୋଡିହୋଇଗଲା ! ବନ୍ଧୁମାନେ କହିଲେ ସତରେ ତୁମେ ସର୍ବଗିଳା। ତା' ନ ହୋଇଥିଲେ କ'ଣ ଏମିତି ଦୁର୍ଘଟଣାକୁ ହସି ହସି ଗିଳି ହଜମ କରିପାରନ୍ତ ! ମୋ ମତରେ କବି କଳାକାର ଯଦି ଅନ୍ୟର ମଙ୍ଗଳ ଓ ମୁହଁରେ ହସ ଦେଖିବାକୁ ଚାହାନ୍ତି, ତେବେ ନୀଳକଣ୍ଠଙ୍କ ପରି ସବୁ ବିଷ ନିଜେ ହସି ହସି ପାନକରି, ଅନ୍ୟକୁ ଅମୃତ ପ୍ରଦାନ କରେଇବାକୁ ହେବ। ବ୍ୟଙ୍ଗ, ବେଳେବେଳେ ଅନ୍ୟକୁ ସାମୟିକ ପୀଡା ବି ଦେଇଥାଏ। ମାତ୍ର ତା'ର ମଙ୍ଗଳ ଉଦ୍ଦେଶ୍ୟ ଦେହରେ ଥିବା ରୋଗ ବା ଖୁଣକୁ ଶଲ୍ୟ ଚିକିତ୍ସକ ପରି ଅପରେଶନ ଦ୍ୱାରା ରୋଗମୁକ୍ତ କରି ମଙ୍ଗଳ ସାଧନ କରେଇଥାନ୍ତି। ତେଣୁ ହାସ୍ୟ -ବ୍ୟଙ୍ଗ ସମାଜର ଶତ୍ରୁ ନୁହନ୍ତି ବରଂ ପରମ ମିତ୍ର ବୋଲି ଗୁଣିଜନ ବୁଝିଥାନ୍ତି। ନାମ ଆମର ପରିଚୟ ନୁହଁ ବରଂ କାମ ଆମର ପରିଚୟ ହେଉ। ତେବେ ଗୋଟେ କଥା କହିବି ମୋର ଏଇ ନାମ ଧରି ସମ୍ବୋଧନ କରିବାକୁ

→

ଡକ୍ଟର କୁଳାଙ୍ଗାର











ଡକ୍ଟର ଧର୍ମଛଡ଼ା

ଅନେକ ଆୟୋଜକଙ୍କର ତୁଣ୍ଡ ଓଲଟେନି... କାଳେ ଆମ ସମ୍ମାନରେ ଆଞ୍ଚ ଆସିବ ଭାବି । ମାତ୍ର ହାସ୍ୟ ବ୍ୟଙ୍ଗ ଗୁଣେ ପ୍ରଭୁ ଜନ୍ମଦେଲ ମୋତେ, ଏ ହେରସାମୀ ସ୍ୱଭାବ ମୁଁ ଛାଡ଼ନ୍ତି କେମନ୍ତେ ? ବରଂ ଏଇ ବିକୃତ ନାଁରେ ହିଁ ଆମର ଗୌରବ ପରିଚୟ, ଯାହା ଆନନ୍ଦ ପାଇଁ ଉଦ୍ଦିଷ୍ଟ ।''

## ହାସ୍ୟବ୍ୟଙ୍ଗ ସାହିତ୍ୟ ରଚନା ମୋତେ ସତ୍ୟାନାଶ କରିଦେଲା– ଶ୍ରୀଯୁକ୍ତ ସତ୍ୟାନାଶ

ଏକାଧାରରେ ବ୍ୟଙ୍ଗ କବି, ଗାଳ୍ପିକ, ଔପନ୍ୟାସିକ, ପ୍ରାବନ୍ଧିକ, ଅଭିନେତା, ନାଟ୍ୟକାର, ସମ୍ପାଦକ, ଚିତ୍ରକର, କାର୍ଟୁନିଷ୍ଟ ଓ ଜ୍ୟୋତିଷବିଶାରଦ ହେଲେ 'ଶ୍ରୀଯୁକ୍ତ ସତ୍ୟାନାଶ' ଓରଫ ପ୍ରଭାକର ନାୟକ। ଯାହାଙ୍କର ଅଦ୍ୟାବଧି ୨୭ଖଣ୍ଡ ହାସ୍ୟବ୍ୟଙ୍ଗ ଗଳ୍ପ, କବିତା, ଉପନ୍ୟାସ, ନାଟକ, ପ୍ରବନ୍ଧ, ଅନୁବାଦ ବହି ପ୍ରକାଶିତ ହୋଇସାରିଛି। ଏହାବାଦ୍ ସେ ରୀତିଯୁଗୀୟ ସାହିତ୍ୟ ରଚନାରେ ପାରଙ୍ଗମ । ଓଡ଼ିଶାରେ ବ୍ୟଙ୍ଗ ହାସ୍ୟ ସାହିତ୍ୟକୁ ନୂଆ ଭାବଧାରାରେ ମଞ୍ଚରେ ପରଷି ଶ୍ରୋତା ଓ ଦର୍ଶକମାନଙ୍କୁ ମୁଗ୍ଧ କରେଇ ବ୍ୟଙ୍ଗ ସାହିତ୍ୟିକଙ୍କୁ ଆଗେଇନେବାରେ ତାଙ୍କର ରହିଛି ଅଗ୍ରଣୀ ଭୂମିକା। ନୟାଗଡ଼ର ବାଉଁଶିଆପଡାରେ ଜନ୍ମିତ ସତ୍ୟାନାଶଙ୍କ ମା' ସୁଶୀଳା ଓ ବାପା ବଳଭଦ୍ର ନାୟକ। ପେସାରେ ଓଡ଼ିଶା ବନ ବିଭାଗରେ କାର୍ଯ୍ୟରତ ସତ୍ୟାନାଶଙ୍କୁ ବ୍ୟଙ୍ଗ ଦେଇଛି ଏକ ସ୍ୱତନ୍ତ୍ର ପରିଚୟ। ବ୍ୟଙ୍ଗର ଏମିତି କୌଣସି ବିଭାଗ ନାହିଁ ଯେଉଁଥିରେ ସତ୍ୟାନାଶଙ୍କର ପ୍ରବେଶ ନାହିଁ। ଏଥିପାଇଁ ସେ ବହୁ ପୁରସ୍କାର ଓ ସମ୍ମାନରେ ସମ୍ମାନିତ। ତେବେ ବ୍ୟଙ୍ଗ ଲେଖାକୁ କାହିଁକି ଆପଣାଇ ପ୍ରଭାକରରୁ ସତ୍ୟାନାଶ ହେଲେ ସେ ସମ୍ପର୍କରେ ସେ କୁହନ୍ତି – ''ସଚରାଚର ଜଗତରେ କେହି କାନ୍ଦିବାକୁ ଭଲ ପାଆନ୍ତି ନାହିଁ; ଅଥଚ କାନ୍ଦନ୍ତି, କାରଣ କାନ୍ଦିବାକୁ ସବୁ ସମୟରେ ଅନେକ ସୁବିଧା ଓ କଞ୍ଚାମାଲ୍ ମିଳେ। 'କୁଆଁକୁଆଁ' ଯେମିତି କ୍ରନ୍ଦନ 'ରାମନାମ ସତ୍ୟ'ଟା ବି ସେମିତି ବେଦନାଦାୟକ, ତା'ହେଲେ ମଣିଷ କେତେବେଳେ ହସେ ; କିଏ ହସାଏ ? ହସାଇବା କମ୍ ବଡ଼ ପୁଣ୍ୟ କାମ କି ? ଚାଲ ହସେଇବା ବିଚାର କରି ଏକଦା ନୟାଗଡ଼ରୁ ପ୍ରକାଶିତ ହେଉଥିବା ଗ୍ରହରାଜ ପତ୍ରିକାରେ କିଛି ହାସ୍ୟଚିତ୍ର ଆଙ୍କୁ ଆଙ୍କୁ ଲେଖା ଗହଣରେ କିଛି ହାସ୍ୟ ପ୍ୟାରୋଡ଼ି ଲେଖି ହେଇଗଲା। ଅଚାନକ ଫତୁରାନନ୍ଦଙ୍କ ଗୋଟେ ବହି ହାତରେ ପଡ଼ନ୍ତେ ଗପଗୁଡ଼ିକରେ ଥିବା ହାସ୍ୟସୂତ୍ର ମୋ ମଗଜରେ ପଶିଲେ। ଯଦି ଗପରେ ଏତେ ସୁନ୍ଦର ହାସ୍ୟ ହେଇପାରୁଛି ; କବିତାରେ ନ ହବ କିଆଁ ! ଅତଏବ ମୋ ହାସ୍ୟକବିତା ଲେଖାର ନିଆଁଝୁଲରେ ନନା(ବାପା)ଙ୍କ ନାଟକରେ ଥିବା ହାସ୍ୟଚରିତ୍ରମାନେ କିରୋସିନ ଢାଳିଦେଲେ। ମୋ ଅଞ୍ଚଳର ହାସ୍ୟକବି ଉତ୍କଳଘଣ୍ଟି ଯଦୁମଣିଙ୍କ ହାସ୍ୟରହସ୍ୟ ଓ ବ୍ୟାସକବି ଫକୀରମୋହନଙ୍କ ଚମ୍ପାସାନ୍ତାଣୀମାନେ ମୋ ରଚନାକୁ ହାସ୍ୟବ୍ୟଙ୍ଗର କାଠ ଓ ଘିଅ ଯୋଗେଇଦେଲେ। ହାସ୍ୟବ୍ୟଙ୍ଗ ସାହିତ୍ୟ ରଚନା ମୋତେ ସତ୍ୟାନାଶ କରିଦେଲା। ସତରେ କହିଲେ, ସର୍ବଗିଳା କୁଳାଙ୍ଗାର ସତ୍ୟାନାଶ ହେବା ସହଜକଥା କି! ବୈଷ୍ଣବଧର୍ମୀ ସନ୍ଥମାନେ 'ଦାସ' ହୋଇଯିବା ପରି ହାସ୍ୟବ୍ୟଙ୍ଗ ପ୍ରତି ନିଜକୁ ସମର୍ପଣଭାବ ମୋତେ 'ସତ୍ୟାନାଶ' କରିଦେଲା। ଆମେ ସତ୍ୟାନାଶ ସର୍ବଗିଳା କୁଳାଙ୍ଗାର ହେଇ ବ୍ୟଙ୍ଗ 'ଢୁବନ' ନେଇ କେବଳ ହାସ୍ୟବ୍ୟଙ୍ଗ ରଚନା କରିବୁ ଏ ସଂକଳ୍ପ ନେଲୁ। ମୂଳ ନାମଗୁଡ଼ିକ ରସଭଙ୍ଗ କରୁଥିଲା ହାସ୍ୟରସର। ଆସରରେ କବିତା ପଢିବାକୁ ସଂଯୋଜକ ଯେତେବେଳେ ଡାକନ୍ତି– ଏଥର ଶୁଣିବା କବିତା କୁକୁଡ଼ଲାଙ୍ଗୁଡ଼ ଲେଖିଛନ୍ତି ପ୍ରଭାକର ନାୟକ। କହିଲେ, ରସଭଙ୍ଗ ହେଲା କି ନାଇଁ? ପ୍ରଭାକର ବଦଳରେ ଯଦି ଧଡ଼ିଆ ସାଉ, ନବରଙ୍ଗ ବେହେରା ଇତ୍ୟାଦି ହୋଇଥାନ୍ତା ତା'ହେଲେ ନାଁ ବଦଳେଇବାକୁ ଦରକାର ପଡ଼ି ନ ଥାନ୍ତା। ଅତଏବ ଫୁଲବାଣୀର ଓକିଲ ବିଜୟ ପଟ୍ଟନାୟକଙ୍କ ଦ୍ୱାରା ନିଜ ନାଁ ନିଜେ 'ଶ୍ରୀଯୁକ୍ତ ସତ୍ୟାନାଶ' କରିଦେଲି।''

## ଡକ୍ଟର କୁଳାଙ୍ଗାରଙ୍କ ହସ ବଟିକା

ଗୋଟେ ହାଣ୍ଡି ମୁହଁ କରି ବସିଥିବ ମୁହଁରେ ଟିକେ ହସ ନ ଥିବ। ଏ ପୁଣି କି କଥା। ଏଗୁଡା ତାଙ୍କ ଦେହରେ ଜମା ଯାଏନି। ସେଇଥି ପାଇଁ କେତେବେଳେ ବ୍ୟଙ୍ଗ କବିତା ଲେଖନ୍ତି ତ କେତେବେଳେ ରମ୍ୟ ରଚନା। ପୁଣି କେବେ ହାସ୍ୟକବି ସମ୍ମିଳନୀ କରନ୍ତି ତ କେବେ ବ୍ୟଙ୍ଗ ବୋମା ପକାଇବାକୁ ପଛାନ୍ତି ନାହିଁ। ଇଏ ହେଲେ 'ଡକ୍ଟର କୁଳାଙ୍ଗାର', ଯାହାଙ୍କ ଶ୍ରଦ୍ଧା ନାମ ପ୍ରୀତିକାନ୍ତ ପଣ୍ଡା। ମା' ଉର୍ମିଳା ଓ ପିତା ଗୋକୁଳାନନ୍ଦ ପଣ୍ଡା। ସମାଜସେବାକୁ ପେସା କରିଥିବା ଡକ୍ଟର କୁଳାଙ୍ଗାରଙ୍କର ନିଶା କେବଳ ହସାଇବା। ଏହି ହସାଇବା ପାଇଁ ସେ ଲେଖିଛନ୍ତି ଅନେକ କବିତା, ରମ୍ୟ ରଚନା, ଉପନ୍ୟାସ ଓ ହାସ୍ୟ ପତ୍ରିକାର ସମ୍ପାଦନା। ତା'ସହିତ ପୁଣି ବିଭିନ୍ନ ଟିଭି ଚାନେଲରେ ସଞ୍ଚାଳନା କରିବା ସହ କଳାକାର ଭାବରେ ମଧ୍ୟ ବେଶ୍ ହସେଇଛନ୍ତି ଦର୍ଶକଙ୍କୁ। ଯେଉଁଥିପାଇଁ ତାଙ୍କୁ ମିଳିଛି ଅନେକ ପୁରସ୍କାର ଓ ସମ୍ମାନ। ତେବେ ସେ କାହିଁକି ବ୍ୟଙ୍ଗ ଲେଖିବାକୁ ମନସ୍ଥ କଲେ ପୁଣି ଏମିତି କଉତୁକିଆ ନାଁ ବାଛିଲେ, ସେ ସମ୍ପର୍କରେ ସେ କହନ୍ତି– ''ସାମନାରେ ଥିବା ମଣିଷଟି ଲକ୍ଷେ ଟଙ୍କା ମୁହଁ ନ କରି ହସକୁରା ହେଉ, ଏହା ସଭିଏ ଚାହାନ୍ତି! ଅତଏବ ମଣିଷ ମୋ ରଚନା ପଢି ବା ଶୁଣି ମୁରୁକୁନ୍ଦ ମାରୁ ତାହା ମୋର ଉଦ୍ଦେଶ୍ୟ । ମୋ ବାପା ଜଣେ ପ୍ରବୁଦ୍ଧ ପାଠକ। ତାଙ୍କ କୃପାରୁ ମୋତେ ଛୋଟବେଳୁ ବହୁ ବହି ପଢ଼ିବାର ସୁଯୋଗ ମିଳିଲା। ଯେବେ ମୋଠାରେ ଲେଖାଲେଖି କରିବାର ଯାଦୁ ପ୍ରକଟ ହେଲା ଭାବିଲି ଏମିତିରେ ତ ମଣିଷ ନାନା ଟେନ୍‌ସନରେ ; ପୁଣି ଗୁଡ଼େ ଦୁଃଖ କଥା ଲେଖି ତାକୁ ଭାରାକ୍ରାନ୍ତ କରିବି କିଆଁ ? ଏଇ ଭାବନାକୁ ସେତେବେଳେ ପ୍ରଜାତନ୍ତ୍ର ସାପ୍ତାହିକରେ ପ୍ରକାଶ ପାଉଥିବା ପଣ୍ଡିତ ଅଚ୍ୟୁତାନନ୍ଦ କରଙ୍କ ବ୍ୟଙ୍ଗ ସ୍ତମ୍ଭ ଦମ୍ଭ ଦେଲା । ଅତଏବ ମୁଁ ବ୍ୟଙ୍ଗ ଲେଖିଲି । ପରେ ପରେ ମୋର ଭିଣୋଇଙ୍କ ସୌଜନ୍ୟରୁ ଶ୍ରୀଯୁକ୍ତ ସତ୍ୟାନାଶଙ୍କ ସମ୍ପର୍କରେ ଆସିଲି । ସିଏ ମୋର ଗୁରୁ। ସିଏ ମୋତେ ଦେଶ ଓ ସାଧାରଣ ଜନତାର ପକ୍ଷ ଧରି ଅବ୍ୟବସ୍ଥା ଓ ଅବିବେକୀଙ୍କ ବିରୋଧରେ ବ୍ୟଙ୍ଗକୁ ଅସ୍ତ୍ର କରିବାକୁ ଶିଖାଇଲେ । କୋରାମିନ ବଟିକା ପରି ସେଥିରେ ହାସ୍ୟର ପଞ୍ଚ ଲୋକପ୍ରିୟ ହେବା ଏବଂ ପରେ ସେଥିରୁ ଅର୍ଥ ଓ ଶ୍ରଦ୍ଧା ଅର୍ଜନ ମୋତେ ଏପରି ଲେଖି ଚାଲିବାକୁ ପ୍ରେରଣା ଦେଲା ! ପାଠ ପଢିବା ପାଇଁ ମୁଁ ନାନୀଘର ଫୁଲବାଣୀରେ ରହିବାପରେ ଶ୍ରୀଯୁକ୍ତ ସତ୍ୟାନାଶ, ସ୍ୱର୍ଗତ ବାଇଡଙ୍କ ଦାସ ଓ ଶ୍ରୀମାନ ସର୍ବଗିଳାଙ୍କ ସମ୍ପର୍କରେ ଆସି ଏପରି ନାମକରଣ ପାଇଁ ଉତ୍ସାହିତ ହେଲି ଏବଂ କେବଳ ହାସ୍ୟବ୍ୟଙ୍ଗ ଲେଖିବାର ଧର୍ମ ଗ୍ରହଣ କରି ଢୁବନ ନେଲି। କୁଳାଙ୍ଗାର ନାମଟି ମୁଁ ନିଜେ ବାଛିଥିଲି, ପରେ ସମ୍ମାନ ପାଇଁ ସତ୍ୟାନାଶ ଏଥିରେ ବାବୁ ଯୋଡ଼ିଥିଲେ ଏବଂ ପରେପରେ ଆତ୍ମପଣ୍ଡିତ ଡ. ସାହିତ୍ୟିକଙ୍କର ପ୍ରାବଲ୍ୟକ ଓ ବ୍ୟଙ୍ଗ କରି ମୋ ନାମ ପୂର୍ବରୁ ଡ. ଯୋଡ଼ିଦେଲେ । ଏପରି ନାମକରଣ ହାସ୍ୟ ପ୍ରଦାୟକ, ଲୋକାଦୃତ, ସହଜରେ ମନେରହିବା ସହ ସ୍ୱତନ୍ତ୍ର ତଥା ହାସ୍ୟବ୍ୟଙ୍ଗ ଲେଖିବା ପାଇଁ ପ୍ରତିଶ୍ରୁତିବଦ୍ଧତା ବୋଲି ମୋର ବିଶ୍ୱାସ ।

ମୋତେ →





ଶ୍ରୀଯୁକ୍ତ ସତ୍ୟାନାଶ

ନାଁ ଧରି ଡାକିବାକୁ ଅନେକେ ସଂକୋଚ କରିଥାନ୍ତି । ଏଇ ଯେମିତି ପାଠକମାନେ ମୋତେ ଫୋନ କରି କିଏ କହୁଛନ୍ତି ବୋଲି ପଚାରିଥାନ୍ତି । ଆୟୋଜକ/ ମଞ୍ଚ ପରିଚାଳକମାନେ ଭଲ ନାଁଟା କ'ଣ ବୋଲି ପଚାରନ୍ତି କାହିଁକିନା ଏଇ ନାଁଟା ମଞ୍ଚରେ ଡାକିଲେ କାଳେ ଅସମ୍ମାନ ମନେ ହେବ । ତେବେ ମୁଁ ନିଃସଂକୋଚରେ କହିଥାଏ କି ଏଇଟା ହିଁ ମୋ ଭଲ ନାଁ!

## ଧର୍ମ ଛଡ଼ା, ଯା'ର ଅନ୍ୟଗତି ନାହିଁ ସେ ଧର୍ମଛଡ଼ା

ନିଜେ ହସି ଅନ୍ୟକୁ ହସାଇବାର କଳା ତାଙ୍କୁ ବେଶ୍ ଜଣାଥିଲା ପିଲାବେଳୁ। ଯେବେ ବ୍ୟଙ୍ଗ କ'ଣ ଜାଣି ନ ଥିଲେ ସେହି ସମୟରେ ଅଜାଙ୍କଠାରୁ ଓ ଗାଁର ଜେଜେ, ଜେଜେମା'ଙ୍କ ଠାରୁ ଶୁଣିଥିବା କିଛି ବ୍ୟଙ୍ଗ ଶବ୍ଦ ତାଙ୍କ ମନରେ ଘର କରି ରହିଯାଇଥିଲା। ସେହି ଶବ୍ଦର ପ୍ରେମ ଏତେ ତୀବ୍ର ଥିଲା ଯେ ପରବର୍ତ୍ତୀ ସମୟରେ ନିଜ ପ୍ରକୃତ ନାଁକୁ ବଦଳାଇ ବ୍ୟଙ୍ଗ ନାଁକୁ ଆପଣାଇ ନେଲେ। ବ୍ୟଙ୍ଗ ପ୍ରେମରେ ନିଜକୁ ବୁଡାଇ ଦେଇଥିବା ଏହି ବ୍ୟଙ୍ଗକାର ହେଲେ 'ଡକ୍ଟର ଧର୍ମଛଡା'। ଯାହାଙ୍କ ପ୍ରକୃତ ନାମ ବିଭୁ ପ୍ରସାଦ ନାୟକ । କେନ୍ଦ୍ରାପଡାରେ ଜନ୍ମିତ ଏହି ବ୍ୟଙ୍ଗକାରଙ୍କ ମା' ରେବତୀ ଓ ପିତା ମହେଶ୍ୱର ନାୟକ। ଏଇ ମହାଶୟ ଧର୍ମଛଡାମାନଙ୍କର ମୁଖା ଖୋଲିବାର ପ୍ରୟାସ କରିବା ସହ ପାଠକ ଓ ଶ୍ରୋତାଙ୍କୁ ହସେଇବା ପାଇଁ ଏମିତି ନାଁ ବଦଳେଇ ଦେଇଛନ୍ତି । କବିତା, ପ୍ରବନ୍ଧ ସମ୍ପାଦନା ସହ ବିଭିନ୍ନ ଅନୁଷ୍ଠାନରେ କର୍ମକର୍ତ୍ତା ଥିବା ଏହି ବ୍ୟଙ୍ଗକାରଙ୍କୁ ଘରେ ଘରେ ପରିଚିତ କରାଇଛି ବିଭିନ୍ନ ମଞ୍ଚ ଓ ଟିଭି ଚାନେଲରେ ତାଙ୍କର କବିତା ଆବୃତ୍ତି। ସମସ୍ତଙ୍କୁ ହସେଇବାର ଏଇ ବିଚକ୍ଷଣ କଳା ପାଇଁ ତାଙ୍କୁ ମିଳିଛି ଅନେକ ପୁରସ୍କାର ଓ ସମ୍ମାନ। ତେବେ ଏଇ ହସାଇବାର କଳାକୁ କାହିଁକି ଆପଣାଇଲେ ଓ ଏମିତି ଏକ ନାଁରେ କାହିଁକି ପରିଚୟ ସୃଷ୍ଟି କଲେ ସେ ସମ୍ପର୍କରେ ଡକ୍ଟର ଧର୍ମଛଡା କୁହନ୍ତି, ''ପିଲାଟି ଦିନରୁ ମୁଁ ହସିବା ଓ ହସେଇବାକୁ ଭଲ ପାଉଥିଲି। ତେବେ ମୋର ହାସ୍ୟ ବ୍ୟଙ୍ଗ ଲେଖିବା ମୋର ଗାଁରୁ ଆରମ୍ଭ। ମୋ ଅଜା କଥା କଥାରେ ବ୍ୟଙ୍ଗ ଶବ୍ଦ ବ୍ୟବହାର କରୁଥିବାରୁ ମୋର ଆଦ୍ୟଗୁରୁ ମୋ ଅଜା ଥିଲେ। ସେହିପରି ମୋ ପିଉସୀଙ୍କ ବ୍ୟବହାରିକ ଶବ୍ଦ ମୋତେ ବ୍ୟଙ୍ଗ ଲେଖିବାରେ ବହୁତ ସାହାଯ୍ୟ କରିଛି। ଓଡ଼ିଆ ଘରର ବୋହୂ ସ୍ୱାମୀ, ଶାଶୁ, ଶ୍ୱଶୁର ଏବଂ ଅନ୍ୟ ଗୁରଜନମାନଙ୍କ ନାଁ ଧରୁ ନ ଥିଲେ ଫଳରେ ହାସ୍ୟରୋଳ ସୃଷ୍ଟି ହେଉଥିଲା । ମୋ ପିଉସୀ ନାନୀ ଭାଗବତ ପଢୁଥିଲେ ''ସାନନ୍ଦେ ନୁଷ୍ଟ ଦେଲେ ନର , ହସି କହିଲେ ନକ୍ରଧର'' ଭାଗବତରେ ଯାହାର ପ୍ରକୃତରେ ପଦ ଥିଲା ''ଆନନ୍ଦେ କୃଷ୍ଣ ଦେଲେ ବର, ହସି କହିଲେ ଚକ୍ରଧର ''। ସେହିପରି ଗାଁର ଜେଜେ ସ୍ଥାନୀୟ ଏବଂ ଜେଜେମା ସ୍ଥାନୀୟ ଗୁରୁଜନମାନଙ୍କର ଥଟ୍ଟା ପରିହାସ ଭିତରେ ହାସ୍ୟ ବ୍ୟଙ୍ଗ ଭର୍ତ୍ତି ହୋଇଥିଲା । ଯେତେବେଳେ ମୁଁ କଟକର ସାମନ୍ତ ହଷ୍ଟେଲରେ ରହି ପାଠ ପଢୁଥିଲି, ଆମ ହଷ୍ଟେଲ ନିକଟରେ ପଣ୍ଡିତ ଅଚ୍ୟୁତାନନ୍ଦ କରଙ୍କ ଦୁର୍ମୁଖ କାର୍ଯ୍ୟାଳୟ ଏବଂ ଉତ୍କଳ ସାହିତ୍ୟ ସମାଜ ଥିଲା। ଉତ୍କଳ ସାହିତ୍ୟ ସମାଜର କବିତା ଆସରରେ ଯୋଗଦେବା ଏବଂ ପଣ୍ଡିତ ଅଚ୍ୟୁତାନନ୍ଦ କରଙ୍କ ସାନ୍ନିଧ ପାଇବାପରେ ମୁଁ ହାସ୍ୟବ୍ୟଙ୍ଗ ଲେଖିବା ପାଇଁ ଉତ୍ସାହିତ ହୋଇଥିଲି । ପରେ ଜ୍ଞାନ ହୋତା ଏବଂ ସତ୍ୟାନାଶଙ୍କ ସଂସ୍ପର୍ଶରେ ଆସି ବ୍ୟଙ୍ଗ ଲେଖିବା ପ୍ରତି ମୋର ଆକର୍ଷଣ ବଢ଼ିଗଲା। ବ୍ୟଙ୍ଗ କବିତା, ବ୍ୟଙ୍ଗଗଳ୍ପ ଏବଂ ବ୍ୟଙ୍ଗ କ୍ଷୁଦ୍ର ନାଟକ ଲେଖିବା ଜାରି ରଖିଛି। ଧର୍ମ ଛଡ଼ା ଅନ୍ୟ ଗତି ନାହିଁ ବୋଲି ମୁଁ ଧର୍ମଛଡ। । କିନ୍ତୁ ପ୍ରକୃତରେ ସମାଜରେ ଧର୍ମଛଡାମାନଙ୍କର ମୁଖା ଖୋଲୁଥିବାରୁ ମୁଁ ସେମାନଙ୍କ ନଜରରେ ଧର୍ମଛଡ଼ା ।




ଶ୍ରୀ ଶ୍ରୀ ହୁଗୁଳା



## ସବୁ ଦିଗରୁ ହୁଗୁଳା ନ ହେଲେ ହସେଇବା ସହଜ ନୁହେଁ: ଶ୍ରୀ ଶ୍ରୀ ହୁଗୁଳା


ଏକାଧାରରେ ଜଣେ ପ୍ରଖ୍ୟାତ ଯୋଗଗୁରୁ, ଚିତ୍ରକର,ବ୍ୟଙ୍ଗକବି, ସାମ୍ବାଦିକ ଓ ଅଭିନେତା ହେଲେ 'ଶ୍ରୀ ଶ୍ରୀ ହୁଗୁଳା' ଓରଫ ପ୍ରମୋଦ କୁମାର ବେହେରା। ମା' ମାତାଞ୍ଜଳି ଓ ପିତା ସାରଙ୍ଗଧର ବେହେରାଙ୍କ ସୁପୁତ୍ର ଭାବେ ମାର୍କଣ୍ଡପୁର, ଜଗତ୍‌ସିଂହପୁର ଠାରେ ଜନ୍ମିତ ଶ୍ରୀ ଶ୍ରୀ ହୁଗୁଳା ଇଂଲିଶରେ ସ୍ନାତକ। ହେଲେ ତାଙ୍କ ନିଶା ଲୋକଙ୍କ ନିଶା ଛଡାଇବା ଅର୍ଥାତ୍ ଲୋକଙ୍କୁ ହସେଇ ହସେଇ ବେଦମ୍ କରିବା। ଯେଉଁଥିପାଇଁ ସାହାରା ନେଇଛନ୍ତି ବିଭିନ୍ନ ମଞ୍ଚ, ପତ୍ର ପତ୍ରିକା ଓ ଟିଭି କାର୍ଯ୍ୟକ୍ରମକୁ। ଲୋକଙ୍କୁ ହସାଇବାର ନିଆରା କଳା କୌଶଳ ଆପଣାଇଥିବା ଶ୍ରୀ ଶ୍ରୀ ହୁଗୁଳାଙ୍କୁ ଏଥିପାଇଁ ମିଳିଛି ଅନେକ ପୁରସ୍କାର ଓ ସମ୍ମାନ। ତେବେ ଏହି ବ୍ୟଙ୍ଗକୁ ଆପଣେଇବା ସହ ପ୍ରମୋଦରୁ ଶ୍ରୀ ଶ୍ରୀ ହୁଗୁଳା ନାଁରେ ନିଜକୁ ପରିଚିତ କରି ଖୁସି ହେବା ସମ୍ପର୍କରେ ସେ କୁହନ୍ତି – ''ସତ କହିଲେ ସାହିତ୍ୟର ତ ଅନେକ ଦିଗ ଅଛି, ହେଲେ ନିଜର ମାନସିକତା ଅନୁସାରେ କବି ବା ଲେଖକ ତା' ଅଜାଣତରେ ଗୋଟିଏ ଦିଗକୁ ଢଳିଯାଏ। କୁହାଯାଏ ସାହିତ୍ୟ ହେଉଛି ସମାଜର କଲ୍ୟାଣ ପାଇଁ। ସାହିତ୍ୟ ମାଧ୍ୟମରେ ମନୋରଞ୍ଜନ କରି ହେଉ ବା ସାହିତ୍ୟ ମାଧ୍ୟମରେ ସମାଜକୁ ସଜାଡ଼ିକି ହେଉ। କେତେବେଳେ ବାବୁରେ, ଧନରେ କହି କାହାକୁ ସଜଡା ଯାଏ, ପୁଣି କେତେବେଳେ ପାଞ୍ଚଣ ବି ଧରିବାକୁ ପଡ଼େ। ଅନେକ ସମୟରେ ଦେଖାଯାଏ ପାଞ୍ଚଣ ଉପାୟଟି ଭଲ କାମ ଦିଏ। ସାହିତ୍ୟରେ ବ୍ୟଙ୍ଗ ହେଉଛି ପାଞ୍ଚଣ। ପାଞ୍ଚଣ ବି ଧରିବା ସମସ୍ତଙ୍କ ପାଇଁ ସମ୍ଭବ ହୁଏନି। ଏହାକୁ ଧରିବାର କଳା କୌଶଳ ମଧ୍ୟ ଦରକାର। ନଚେତ ପାଞ୍ଚଣର ଦୁର୍ବ୍ୟବହାର ହେବ। ପାଞ୍ଚଣ ଯେପରି ଦୁଷ୍ଟ ପିଲାଙ୍କୁ ସଜାଡେ, ବ୍ୟଙ୍ଗ ମଧ୍ୟ ଦୁଷ୍ଟ ଲୋକଙ୍କୁ ବାଟକୁ ଆଣିଥାଏ, ଯାହା ସାହିତ୍ୟର ଏକ ମୁଖ୍ୟ ଅଙ୍ଗ। ଦ୍ୱିତୀୟ କଥା ହେଲା, କାହାକୁ ଦୁଃଖ ଦେବା, କଷ୍ଟ ଦେବା, ଯନ୍ତ୍ରଣା ଦେବା ଅତି ସହଜ କଥା। ହେଲେ ଜଣକୁ ହସେଇବା କାଠିକର ପାଠ। ହାସ୍ୟ ରଚନା ଦ୍ୱାରା ଯଦି ଜଣଙ୍କର ସବୁ ଦୁଃଖକୁ ଭୁଲେଇ ତାକୁ ହସେଇ ପାରିବା, ତେବେ ଏହାଠାରୁ ବଡ଼ ସେବା ଆଉ ବା କ'ଣ ହୋଇପାରେ। ତେଣୁ ହାସ୍ୟବ୍ୟଙ୍ଗ ରଚନା ଏମିତି ଏକ ସମାଜ ସେବା, ଯାହାକୁ ନେଇଆଣି ଥୋଇପାରିଲେ ହେଲା। ଆଉ ହସେଇବା ଯାହାର ଉଦ୍ଦେଶ୍ୟ, ସେ ହସେଇବାର ସବୁ ପ୍ରକାର ଉଦ୍ୟମ କରେ। ସବୁ ସମୟରେ, ସବୁ କ୍ଷେତ୍ରରେ, ସବୁ ପରିସ୍ଥିତିରେ ସେ ହସେଇବାର ଉପାୟ ଖୋଜେ। ନାଁ ମଧ୍ୟ ସେ ମଧ୍ୟରୁ ଗୋଟିଏ। ମୁଁ ଯେତେବେଳେ ଏକ ମଞ୍ଚରେ ପ୍ରଥମେ ଶ୍ରୀଯୁକ୍ତ ସତ୍ୟାନାଶ, ଶ୍ରୀମାନ ସର୍ବଗିଳା, ଡକ୍ଟର କୁଳାଙ୍ଗର ଭଳି ଅଜବ ନା ଶୁଣିଥିଲି ଆଶ୍ଚର୍ଯ୍ୟ ହୋଇଥିଲି ଆଉ ହସି ବି ଥିଲି। ନାଁ ବି ଜଣକୁ ହସେଇପାରେ ଏ ଧାରଣା ମୋର ସେବେ ଜନ୍ମିଥିଲା। ମୁଁ ବି ଚିନ୍ତା କରିଥିଲି ମୋ ନାଁ ବି ଜଣକୁ ହସାଉ। ଏହି ଚିନ୍ତା ଭିତରେ ଶ୍ରୀ ଶ୍ରୀ ହୁଗୁଳା ନାମଟି ଆସିଲା। ନିଜକୁ ବି ଖୁବ୍ ହସ ଲାଗିଲା। ତେଣୁ ନିଷ୍ପତ୍ତି ନେଲି ଏହି ନାଁ ନିଶ୍ଚିତ ପାଠକ ଓ ଦର୍ଶକଙ୍କୁ ହସର ଖୋରାକ ଦେବ। ଏହି ନାଁ ର ଆଉ ଏକ ଯଥାର୍ଥତା ହେଲା, ଜଣେ ସବୁ ଦିଗରୁ ଖୋଲା ବା ହୁଗୁଳା ନ ହେଲେ ଜଣକୁ ହସେଇବା ସହଜ ନୁହେଁ। ତେଣୁ ନାମ, କାମ ସମାନ ହେବା ଜରୁରୀ।''



ସତରେ ମଣିଷ କେବଳ ହସେଇପାରେ କିନ୍ତୁ ଖୁବ୍ କମ୍ ମଣିଷ ହସେଇବାର ଠିକା ନେଇଥାନ୍ତି। ଏଇ ହସ ଦିବସରେ ସେଇଭଳି କିଛି ସରସ ସୁନ୍ଦୁରିଆ ବିକୃତିଆ ନାମାଧାରୀ ହାସ୍ୟ କବି କଳାକାରଙ୍କ କଥା, ଯେଉଁମାନେ ଦୁର୍ଘଟଣାର ପାହାଡ଼ ମାଡି ବସିଲାବେଳେ ଫୁ କରି ହସି ହସି ଧୂଳି ଭଳି ଉଡେଇ ପାରନ୍ତି। ଯନ୍ତ୍ରଣାର ନିଆଁହୁଳାକୁ 'ସର୍ବଗିଳା' ସାଜି ଗିଳିପାରନ୍ତି। ଦୁଃଖ କ୍ଲେଶକୁ 'ସତ୍ୟାନାଶ' କରିଦିଅନ୍ତି। ଅଧର୍ମୀ ପାପୀଙ୍କୁ 'ଧର୍ମଛଡା' ବନେଇ ପାରନ୍ତି। ମାତ୍ର ଆପେ 'କୁଳାଙ୍ଗାର' ବୋଲେଇ, କୂଳ ଲଂଘନ ନ କରି 'ହୁଗୁଳା' ହୋଇ ଫୁଙ୍ଗୁଳା ମନରେ ବୁଲି ପାରନ୍ତି।

–ରୋଜାଲିନ୍ ମହାନ୍ତି







# ବ୍ୟଙ୍ଗ ସାହିତ୍ୟର ମିଶ୍ରରାଗ




**ସେ** ଜଣେ ଅନନ୍ୟ ବ୍ୟଙ୍ଗକାର । ତହିଁରେ ଶିଶୁ ସାହିତ୍ୟ, କବିତା, ପ୍ରବନ୍ଧ, ଗଳ୍ପ, ଗବେଷଣାମୂଳକ ନିବନ୍ଧ, ଫିଚର, ରମ୍ୟରଚନା, ପରୀକ୍ଷାମୂଳକ ଉପନ୍ୟାସ, ଅନୁବାଦରେ ତାଙ୍କର ରହିଛି ଗଭୀର ପ୍ରବେଶ। ଲେଖକୀୟ ସତ୍ତାକୁ ଏକପାଖିଆ କରି ଚଳପ୍ରଚଳ ହେଉଥିବା ତାଙ୍କ ବ୍ୟକ୍ତିସତ୍ତାକୁ ଖୁବ୍ ଆଦର ଓ ସମ୍ମାନ କରନ୍ତି ସବୁବର୍ଗର ପାଠକ ଓ ଜନ ସାଧାରଣ। ଶାଣଦିଆ କିନ୍ତୁ ଚଟୁଳ କଥନ ଭଙ୍ଗୀ ତାଙ୍କ ବିଦ୍ରୂପକୁ ତୀକ୍ଷ୍ଣ ପୁଣି ଆମୋଦଦାୟୀ ଯେତିକି କରିଥାଏ ସେତିକି ଆଶ୍ଚର୍ଯ୍ୟାନ୍ୱିତ କରିଥାଏ ତାଙ୍କ ସାଂଗଠନିକ ଦକ୍ଷତା । ବିଚକ୍ଷଣ ଓ ଅଭିନବ ପରିକଳ୍ପନାର ଖଣି ବୋଲି ବିବେଚିତ ଏହି ବହୁମୁଖୀ ପ୍ରତିଭା ସାହିତ୍ୟ ଓ ସମାଜ ପାଇଁ ଏକ ସମ୍ମାନସ୍ପଦ ଉଦାହରଣ । ଯାହା ବି କରନ୍ତି ସୁନ୍ଦର କରନ୍ତି, ସବୁଦିନ ପାଇଁ ଦେଖିଲା ଲୋକ, ପଢ଼ିଲା ଲୋକର ମନରେ ରହିଲା ଭଳି କାମ କରନ୍ତି ଅଥଚ ସବୁବେଳେ କହୁଥାନ୍ତି , ଜୀବନରେ ଏମିତି କେଉଁ ତୀରଟାଏ ମାରିଦେଇଛି ଯେ ମୋ ଉପରେ କିଛି କୁହା ହେବ କି ଲେଖା ହେବ ! ଶାଣିତ ବ୍ୟଙ୍ଗର ଧୁରୀଣ ତୀରନ୍ଦାଜ ସେହି ମଣିଷ ଜଣକ ରାଧୁ ମିଶ୍ର ବୋଲି ଜାଣନ୍ତି, ଚିହ୍ନନ୍ତି ଓ କୁହନ୍ତି ରାଜ୍ୟ ତଥା ରାଜ୍ୟବାହାରର ଲୋକେ ଶ୍ରଦ୍ଧାରେ, ସମ୍ମାନରେ ।

ରାଧୁ ମିଶ୍ର ପୂରା ନାଁଟି ରାଧାକୃଷ୍ଣ ମିଶ୍ରଙ୍କ ଜନ୍ମ ୭ ମାର୍ଚ୍ଚ ୧୯୫୨, ବଲାଙ୍ଗୀରଠାରେ । ଶିକ୍ଷା ଓ ସାହିତ୍ୟରେ ପାଣ୍ଡିତ୍ୟ ଥିବା ପିତା ହରିହର ମିଶ୍ର ଓ ସୁସାହିତ୍ୟିକା ରାସେଶ୍ୱରୀ ମିଶ୍ରଙ୍କ ସୁପୁତ୍ର ରାଧୁ ମିଶ୍ର ସାତ ଦରଜା (କବିତା ସଂକଳନ), ପ୍ରିୟମ୍ବଦା (ରୋମାଣ୍ଟିକ କବିତା ସଂକଳନ), ବଢ଼ିଲା ଝିଅଙ୍କ ବାପାମାନେ(ଆଲବମାତ୍ମକ ଉପନ୍ୟାସ ),କପି ତୁ କାହୁଁ ଅଇଲୁରେ (ବ୍ୟଙ୍ଗ ଗଳ୍ପ ସଂକଳନ), ବାସ୍ ଆଉ ଗୋଟେ ମାସ୍ (ବ୍ୟଙ୍ଗ କବିତା ସଂକଳନ) ଭଳି ମୌଳିକ ପୁସ୍ତକମାନ ରଚନା କରି ସାହିତ୍ୟ ଜଗତରେ ପ୍ରସିଦ୍ଧି ଅର୍ଜନ କରିଛନ୍ତି । ତାଙ୍କ ଦ୍ୱାରା ଅନୁଦିତ ପୁସ୍ତକ ଲକ୍ଷେଟଙ୍କିଆ ଛିଙ୍କ, ଜଙ୍ଗଲରେ ଇଣ୍ଟରନେଟ, ଶ୍ରୀଦେବୀର ଅଣ୍ଡା, ଟାଇମ ପାସ୍ ଅଙ୍କଲ, ମୁଗାମ୍ବୋ ଖୁସ୍ ହୁଆ, ମଲାରେ ମଣିଷ, ଅଜନ୍ମା, ଐସେ ନା ବୁଲାନା ମୁଝେ, କୁଛ୍ ରହନେ ଭି ଦୋ ଅନକହି, ଚଲୋ ଆଜ କୁଛ୍ ବାଟେଁ କର ଲେଁ ଆଦି ତାଙ୍କର ହିନ୍ଦୀ, ଇଂଲିଶ, ଓଡ଼ିଆ ଭାଷାରେ ଥିବା ପାରଙ୍ଗମତା ଓ ଅନୁସୃଜନ କ୍ଷମତାକୁ ସଗର୍ବେ ପ୍ରତିପାଦନ କରେ । ସମ୍ପାଦନା କାର୍ଯ୍ୟରେ ଫତୁରାନନ୍ଦ ଅଭିନନ୍ଦନ ଗ୍ରନ୍ଥ, ବ୍ୟଙ୍ଗ ମନ୍ଥନ, ତପତୀ ରେତ ପର ହରସିଙ୍ଗାର ଭଳି ଆୟସାସାଧ ସମ୍ପାଦକୀୟ କ୍ଷମତା ଦେଖେଇଥିବା ରାଧୁ ମିଶ୍ର ୧୯୭୧ରୁ କଟକରୁ ୧୯୭୬ ଯାଏ ପ୍ରକାଶିତ 'ସୌରଭ'ରେ ହାସ୍ୟ-ବ୍ୟଙ୍ଗ ବିଭାଗର ପରିଚାଳନା, ହରିବୋଲ (ଓଡ଼ିଶାର ପ୍ରଥମ ହାସ୍ୟବ୍ୟଙ୍ଗ ସାହିତ୍ୟ ପତ୍ରିକା ସୁପରହିଟ ପଦାବଳୀ (ଓଡ଼ିଶାର ପ୍ରଥମ ପୋଷ୍ଟର ପତ୍ରିକା, ଶାମୁକା (ଓଡ଼ିଶାର ପ୍ରଥମ ଫୋଲଡର ପତ୍ରିକା ୧୯୯୫-୧୯୯୭)ରେ ନିଜ ଅଭିନବତ୍ୱ ଦେଖେଇଛନ୍ତି । ସଫଳ ସଂଗଠକ ହିସାବରେ ୧୯୮୫ରେ ଏପ୍ରିଲ ୩ ଯାଏ ମାସାଧିକ କାଳ ରାଉରକେଲାରେ ବିଶାଳ ଫତୁରାନନ୍ଦ ସମ୍ବର୍ଦ୍ଧନାର ଆୟୋଜନ କରି ଜଣେ ବ୍ୟଙ୍ଗକାର ତଥାକଥିତ ରାଜନେତା ଓ ସିନେ ତାରକାଙ୍କଠାରୁ କୌଣସି ଗୁଣରେ କମ୍ ନୁହେଁ ବୋଲି ଦେଖେଇଥିଲେ । ସେଇ ବର୍ଷ 'ଇସ୍ତାହାର' ପୂଜାସଂଖ୍ୟାର ସମ୍ପାଦକୀୟର ଆବେଗଭରା ଟିପ୍ପଣୀ ଥିଲା 'ଏଭଳି ଭବ୍ୟ ସମ୍ବର୍ଦ୍ଧନା ଏଯାଏ ଓଡ଼ିଶାର ଦ୍ୱିତୀୟ କୌଣସି ପ୍ରତିଭାଙ୍କ ଭାଗ୍ୟରେ ଜୁଟିନାହିଁ।' ୨୦୦୦ରେ ପୁରୀ ଜଗନ୍ନାଥ ମନ୍ଦିରରେ ସାରା ଓଡ଼ିଶାର ପ୍ରତିନିଧି ବ୍ୟଙ୍ଗକାରଙ୍କୁ ଏକତ୍ରିତ କରି ଓଡ଼ିଶା ବ୍ୟଙ୍ଗ ସାହିତ୍ୟ ଏକାଡେମୀ ଗଠନ ଓ ତା'ର ସାଧାରଣ ସମ୍ପାଦକ ଦାୟିତ୍ୱରେ ରହି ଓଡ଼ିଶା ସାରା 'ଅର୍ଥକରୀ ବ୍ୟଙ୍ଗକବି ସମ୍ମିଳନୀ'ର ଆୟୋଜନ









ଓ ୨୦୦୮ ଯାଏ ମଞ୍ଚ ସଞ୍ଚାଳନ କରିଥିବା ଆମର ଏହି ନିଆରା ବ୍ୟଙ୍ଗ ସାହିତ୍ୟିକ ବ୍ୟଙ୍ଗ ସାହିତ୍ୟର ଗାମ୍ଭୀର୍ଯ୍ୟକୁ ସ୍ଥାପିତ କରିବା ପାଇଁ ୨୦୦୫ରେ ଅନୁଗୋଳରେ ସାରା ଓଡ଼ିଶାର ୨୫ଟି ଜିଲାରୁ ଆସିଥିବା ପ୍ରବୀଣରୁ ତରୁଣ ୧୪୭ ଜଣ ବ୍ୟଙ୍ଗକାରଙ୍କୁ ନେଇ ଦ୍ୱି-ଦିବସୀୟ 'ଶ୍ରୀ ହରିବୋଲ ମହାକୁମ୍ଭ ହାସ୍ୟମେଳା'ର ଆୟୋଜନ କରିଥିଲେ, ଯାହା କେବଳ ଓଡ଼ିଶା ହିଁ ନୁହେଁ ସାରା ଭାରତରେ ଅଦ୍ୟାବଧି ଅଭୂତପୂର୍ବ।

ସପ୍ତର୍ଷି ପୁରସ୍କାର(ସମ୍ବଲପୁର ବିଶ୍ୱବିଦ୍ୟାଳୟର ମୁଖପତ୍ର), ସୃଜନୀ ପୁରସ୍କାର(ହୀରାଖଣ୍ଡ ଟ୍ରଷ୍ଟର ଦଶମ ବସନ୍ତ ମିଳନ), ଚନ୍ଦ୍ରଭାଗା ହାସ୍ୟ-ବ୍ୟଙ୍ଗ ପୁରସ୍କାର( ବାଲେଶ୍ୱର), କାନ୍ତକବି(କଟକ ), ଛବି ରାୟ ବ୍ୟଙ୍ଗ ପୁରସ୍କାର (ଫକୀରମୋହନ ସାହିତ୍ୟ ପରିଷଦ, ବାଲେଶ୍ୱର), ଉତ୍ତରପ୍ରଦେଶ ହିନ୍ଦୀ ସଂସ୍ଥାନ (ଲକ୍ଷ୍ନୌ)ଦ୍ୱାରାଉତ୍ତରପ୍ରଦେଶସରକାରଙ୍କସୌହାର୍ଦ୍ଦ୍ୟସମ୍ମାନ,ପୁନର୍ନବା(ଚାନ୍ଦୋଳ), ଉତ୍କଳ ସାହିତ୍ୟ ସମାଜ( କଟକ ), ଫତୁରାନନ୍ଦ ଫାଉଣ୍ଡେଶନ(କଟକ), ରାଷ୍ଟ୍ରଦୀପ (କଟକ ), ତୀରତରଙ୍ଗ ସମ୍ମାନ( ଭୁବନେଶ୍ୱର) ଅରଣ୍ୟା ସମ୍ମାନ( ସୁନ୍ଦରଗଡ଼),ସ୍ୱସ୍ତି ସାହିତ୍ୟ ସଂସଦ(ରାଉରକେଲା),ଏକାମ୍ର ପୁସ୍ତକ ମହୋତ୍ସବ(ଭୁବନେଶ୍ୱର) ହିନ୍ଦୀସେବୀ ସମ୍ମାନ(ରାଉରକେଲା), ଆନନ୍ଦପୁର ସାହିତ୍ୟ ସଂସଦ (କେନ୍ଦୁଝର), ବଲାଙ୍ଗୀର ବହିହାଟ, ରାଷ୍ଟ୍ରଭାଷା ପ୍ରଚାର ସମିତି(କଟକ), ସନ୍ଧ୍ୟାତାରା(ଢେଙ୍କାନାଳ)ଭଳି ଅନେକ ମାନସମ୍ମାନ ପାଇଥିବା ରାଧୁ ମିଶ୍ରଙ୍କ ପୁରସ୍କାର ଓ ସମ୍ବର୍ଦ୍ଧନାର ତାଲିକା ଏଇ ଦିଗରେ ଖୁବ୍ ଦୀର୍ଘ ହେବ । ବ୍ୟଙ୍ଗ ପାଇଁ ସେ 'ବ୍ୟଙ୍ଗାଚାର୍ଯ୍ୟ'(ନୟାଗଡ଼ର ଦଶପଲ୍ଲାରେ ମହାବୀର ସାଂସ୍କୃତିକ ଅନୁଷ୍ଠାନ ଓ ଫୁଲବାଣୀର ଅକବି ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ବ୍ୟଙ୍ଗକାର ସମ୍ମିଳନୀ ଅବସରରେ ) ଏବଂ 'ବ୍ୟଙ୍ଗ ବାଚସ୍ପତି' (ସିଂହଦ୍ୱାର, ପୁରୀ ଦ୍ୱାରା ଆୟୋଜିତ ବିଶାଳ ବ୍ୟଙ୍ଗ ସମ୍ମିଳନୀରେ ) ଉପାଧି ପ୍ରାପ୍ତ ହୋଇଛନ୍ତି । କୌଣସି ପରିଚୟରେ ଅଟକି ନ ଯିବ ରାଧୁ ମିଶ୍ରଙ୍କ ବିଶେଷତ୍ୱ । ତାହା ହିଁ ତ ସର୍ଜନର ପ୍ରାଥମିକ ସର୍ତ୍ତ - ନିତ୍ୟ ନୂତନତାର ଅନ୍ୱୟ । ସେ କିନ୍ତୁ ଚାହାନ୍ତି ଏ ନିତ୍ୟ ନୂତନତା ବ୍ୟଙ୍ଗ ସାହିତ୍ୟର ପ୍ରାଣ ହେଉ । ବ୍ୟଙ୍ଗ ଓ ବିଦ୍ରୂପର ବାଣରେ ଧରାଶାୟୀ ହେଉ ସବୁ କୃତ୍ରିମତା । ତାଙ୍କର ଏ ଇଚ୍ଛା ଓଡ଼ିଆ ସାହିତ୍ୟ କ୍ଷେତ୍ରକୁ ବ୍ୟଙ୍ଗରେ ସମୃଦ୍ଧ କରୁ ।

**-ମାନମୟୀ ରଥ**
ସେଣ୍ଟ ଜାଭିୟର କିଣ୍ଡ୍ସ, ବାଲିପୁଟ, ପୁରୀ
ମୋ- ୭୯୭୮୫୭୯୩୯୯





## ଲୁହ ସପକ୍ଷରେ

–ରଜତ ମହାନ୍ତି

ଲୁହ ତ ନିଜର
ତା’ ପାଇଁ ମେଳା,
ନା ବନ୍ଧାପନା,

ଖୁସି ପରଦେଶୀ
ତେଣୁ ତୋରଣକୁ
ସାମିଆନା ।।

–ବଳଗଣ୍ଡି, ପୁରୀ
ମୋ: ୮୯୦୮୦୬୬୫୬୨





# ଜୀବନର ପାଠ

–ଶିବାଶିଷ ପାଢ଼ୀ

ମନପ୍ରାଣ ଦେଇ ମୂର୍ତ୍ତି ଗଢୁଥିଲେ ଶିଳ୍ପୀ । ତାଙ୍କ ହାତର ଯାଦୁକରୀ ସ୍ପର୍ଶରେ ଜୀବନ୍ତ ହୋଇ ଉଠୁଥିଲା ସାଧାରଣ ପଥର ! ରଙ୍ଗ କଥା କହୁଥିଲା । ଅବିରତ ଗଢି ଚାଲୁଥିଲେ ସେ !

ଅଂଚଳରେ ଭାରି ନାଁ ଡାକ ଥିଲା । ହାତାହାତି ବିକ୍ରି ହୋଇଯାଉଥିଲା ମୂର୍ତ୍ତିସବୁ । ହେଲେ ସବୁବେଳେ ସେ ହାତ ନିଜର ଯାଦୁ ଦେଖାଉ ନଥିଲା । ବେଳେବେଳେ ଉତରୁଥିବା ମୂର୍ତ୍ତିଗୁଡିକରେ ସାମାନ୍ୟ ଖୁଣ ରହି ଯାଉଥିଲା, ସେଇଥିପାଇଁ ସେ ମୂର୍ତ୍ତିସବୁକୁ ନାପସନ୍ଦ କରି ଦେଉଥିଲେ ଗ୍ରାହକମାନେ ।

ସେତେବେଳେ ସେମାନଙ୍କ ନଜର ପଡୁଥିଲା ଶିଳ୍ପୀଙ୍କ ଘର ଭିତରେ ଥିବା କାଚ ଆଲମାରୀ ଉପରେ । ଯେଉଁଠି ରଖା ହୋଇଥିଲା କିଛି ଚମତ୍କାର ମୂର୍ତ୍ତି ! ସେସବୁକୁ ନେବା ପାଇଁ ଜିଦ୍ ଧରୁଥିଲେ ଗ୍ରାହକ ହେଲେ ଜମା ରାଜି ହେଉ ନଥିଲେ ଶିଳ୍ପୀ । ଦାମ ଉପରେ ଦାମର ଅଫର ଦେଉଥିଲେ ଗ୍ରାହକ ହେଲେ ହସିଦେଇ ବିନମ୍ରତାର ସହ ମନା କରିଦେଉଥିଲେ ଶିଳ୍ପୀ । ବିକ୍ରି ତ କରୁ ନଥିଲେ ବରଂ ଅନେକ ସମୟରେ ସେ ମୂର୍ତ୍ତିସବୁଙ୍କୁ ଘଣ୍ଟା ଘଣ୍ଟା ଚାହିଁ ରହୁଥିଲେ ସେ । କାହିଁକି ସେ ମୂର୍ତ୍ତିଗୁଡିକ ଏମିତି ରଖା ହୋଇଛି ? ଏତେ ଦାମ ମିଳିବା ସତ୍ତ୍ୱେ ବିକ୍ରି କରୁ ନାହାନ୍ତି ଶିଳ୍ପୀ ସେକଥା ଜମା ଜାଣି ପାରୁ ନଥିଲା ନୂଆ ନୂଆ ଶିଳ୍ପୀଙ୍କ ସହାୟକ ଭାବେ ଯୋଗ ଦେଇଥିବା ଅଙ୍ଗଦ ।

ସେଇଥିପାଇଁ ସେଦିନ ଯେତେବେଳେ ଆଲମାରୀର ମୂର୍ତ୍ତିଟିଏ ପାଇଁ ଆସିଥିବା ବିପୁଳ ଟଙ୍କାର ପ୍ରସ୍ତାବକୁ ପ୍ରତ୍ୟଖ୍ୟାନ କରିଦେଲେ ଶିଳ୍ପୀ ସେତେବେଳେ ଆଉ ନିଜ ଉତ୍କଣ୍ଠାକୁ ଚାପି ପାରି ନଥିଲା ସେ । ଶିଳ୍ପୀଙ୍କୁ ପଚାରି ଥିଲା ତାର କାରଣ ।

ଏକ ରହସ୍ୟମୟ ହସ ହସିଥିଲେ ଶିଳ୍ପୀ । କହିଥିଲେ –

ଏସବୁ ମୋ ନିଜ ପାଇଁ ରଖିଛି ଅଙ୍ଗଦ । ଥରେ ଥରେ ଏମିତି ସମୟ ଆସେ ଯେତେବେଳେ ଭଲ ଭଲ ମୂର୍ତ୍ତି ଗଢି ପାରେ ନାହିଁ ମୁଁ । ବାରମ୍ବାର ଭୁଲ ହୁଏ, ସେତେବେଳେ କେଉଁଠି ନା କେଉଁଠି ମନ ଭିତରର ବିଶ୍ୱାସ ଦୋହଲି ଯାଏ । ସେତିକିବେଳେ ମୋର ନିଜର ଏଇ ଚମତ୍କାର ସୃଷ୍ଟିମାନଙ୍କୁ ଅନାଇ ରହେ ମୁଁ । ମନ କହେ ଯଦି ଦିନେ ଏଭଳିଆ ସୃଷ୍ଟି କରିପାରିଥିଲି ମୁଁ ତେବେ ଆଜି ବି କରି ପାରିବି ନିଶ୍ଚୟ ! ମନରେ ବିଶ୍ୱାସ ଦୃଢ଼ୀଭୁତ ହୁଏ । ପୁଣି ଚାଲେ ହାତ ।

ପୁଣି ଆଲମାରୀ ଆଡକୁ ଚାହିଁ କେଉଁ ଏକ ମୂର୍ତ୍ତିରେ ହଜି ଯାଉଥିଲେ ଶିଳ୍ପୀ । ଅଙ୍ଗଦ କିଛି ବୁଝୁଥିଲା କିଛି ବୁଝୁ ନଥିଲା କିନ୍ତୁ ଜାଣୁଥିଲା ଏଇଟା କେବଳ ଶିଳ୍ପକଳାର ନୁହେଁ ଏଇଟା ବରଂ ଜୀବନର ପାଠ ।

–ହେମଗିର, ସୁନ୍ଦରଗଡ଼
୭୭୦୦୧୩
ମୋ: ୯୭୭୮୧୭୪୯୭୮



## ପ୍ରତିଦ୍ୱନ୍ଦୀ

–ଦୀପ୍ତିମୟୀ ପ୍ରଧାନ

ମୃଦଙ୍ଗର ଦୁଇ ମୁହଁ ପରି
ଈଶ୍ୱର ଆଉ ତମେ ।
ଜଣେ ପାଦ ଛୁଇଁଲେ
ଆଉ ଜଣେ ଛୁଅଁ
ଅଭେଦ୍ୟ କପାଳ ।
ନିଜ ଭିତରେ ଅନନ୍ତ କାଳର ଘନଶୂନ୍ୟତା ଥାଏ ବୋଲି
କାରାଗାର କରିଥାଏ
ନିଜକୁ ।

ପାଦ ନଥିବା ଯୁଗ୍ମଛାୟାର ଚିତ୍ରାବଳୀରେ
ମାଟିସହ ସ୍ୱପ୍ନର ମହାମିଳନ ଦେଖିବା
ଘନ କୁହୁଡ଼ିକୁ ଦେଇଥାଏ
ଗାଢ ରାତିର ଅମୃତ ଆକ୍ଷି ।
ମାଟିର ମୃଦଙ୍ଗ ମୁଁ ।
ନିଜ ବେକରେ ଝୁଲି, ନିଜ ହାତରେ ବାଜୁଚି
ଧିନ୍ ତାଧିନି ଧିନ୍, ତାକ ଧିନିଧିନି
ଧିନାଧିନ୍ ଧିନାଧିନ୍ ଧା ।

ଦୁଇ ମୁହଁର କଳା କିରଣରୁ
ଯାହା ପ୍ରସରି ଯାଉଥାଏ
କୋଽହମ୍‌ର ଆବଦ୍ଧପଣ ।
କିଏ କାହାର ପ୍ରତିଦ୍ୱନ୍ଦୀ ?
ସମର୍ପଣ, ଅହଂପଣ
ନିର୍ବାଣ, ପୁନର୍ଜନ୍ମ
ରମଣ ଓ ମରଣର ଚନ୍ଦ୍ରବନ୍ଧନୀରେ... ।

–ମାର୍ଫତ–ଇଂ. ଅକ୍ଷୟ କୁମାର ସାହୁ,
ଫ୍ଲାଟ୍ ନଂ–ସି/୧୧୦
ରଶ୍ମିବିହାର, ଭୁବନେଶ୍ୱର
ମୋ: ୯୪୩୭୧୪୬୯୮୦

## ତିନୋଟି ଏକପଦୀ

–ଭରତ ଚନ୍ଦ୍ର ଦାଶ

**ଏକ**

ଅନୁଭବି ହୃଦ ପ୍ରୀତିରେ ଦରଦ
ବୁଝେ ମରମର ବ୍ୟଥା
ଦରଦୀ ପ୍ରାଣର ଅନ୍ତରର ସ୍ୱର
ଅମଳିନ ପ୍ରୀତି ଗାଥା ।

**ଦୁଇ**

ତୁମ ଘର ଦେଇ ଯାଏ ଯେତେବେଳେ
ନୟନ ମୋ ଲୋଡେ ପ୍ରୀତି
ଭଲପାଏ ବୋଲି କେମିତି କହିବି
ଚିଠି ମୋ ପାଏନା ଇତି ।

**ତିନି**

ହୃଦୟର କଥା ଲେଖେ ମୁଁ ଚିଠିରେ
ପାରେନି ତୁମକୁ ଦେଇ
ଯାହା ଭାବେ ମନେ ହଜେ ମୁଁ ସପନେ
ରହେ ସେ ଅକୁହା ହୋଇ ।

--XXX--

ମାର୍କୋଣା ,ବାଲେଶ୍ୱର –୭୫୬୧୨୬
ମୋ: ୯୪୩୭୩୭୨୧୬୬








# ଚିନ୍ତା କରୁଛନ୍ତି ଜାହ୍ନବୀ

ଜାହ୍ନବୀ କପୁର ଏବେ ଏକ କଥାକୁ ନେଇ ବେଶ୍ ଚିନ୍ତିତ। କେମିତି ବା ଚିନ୍ତା କରିବେ ନାହିଁ କହୁନାହାନ୍ତି ? ଅସଲ କଥା ହେଲା ଖୁବ୍ ଶୀଘ୍ର ସେ ନୂଆ ଦୁନିଆରେ ପାଦ ଦେବାକୁ ଯାଉଛନ୍ତି। ଆପଣ ଭାବୁଛନ୍ତି କି ସେ ଘର ସଂସାର କରିବେ ? ନା, ସେଭଳି କିଛି ସୂଚନା ଏଯାଏଁ ଦେଇନାହାନ୍ତି। ହେଲେ ୱେବ୍ ଦୁନିଆରେ ପାଦ ଦେବାକୁ ସେ ଚିନ୍ତା କରୁଛନ୍ତି। ନିଜର ଏଭଳି ନୂଆ ଆଭିମୁଖ୍ୟ ବିଷୟରେ ଶ୍ରୀଦେବୀ ତନୟା କହନ୍ତି, 'ପ୍ରଥମେ ୱେବ୍ ସିରିଜ୍‌ରେ ଆକ୍ଟିଂ କରିବାକୁ ଆଗ୍ରହ ନ ଥିଲା। ହେଲେ ଥଣ୍ଡା ମିଜାସରେ ଚିନ୍ତା କରିବା ଭାବିଲି ଏହା ହେଉଛି ଏପରି ଏକ ମାଧ୍ୟମ, ଯାହାଦ୍ୱାରା ଜଣେ ଦର୍ଶକଙ୍କର ନିକଟତର ହୋଇପାରିବ। ଏବେ ଡିଜିଟାଲ ପ୍ଲାଟଫର୍ମର ଚାହିଦା ବେଶ୍ ରହିଛି। ତେଣୁ ଏହି ଦୁନିଆରେ ପାଦ ରଖିବାକୁ ଯୋଜନା କରୁଛି।' ଜାହ୍ନବୀଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା 'ଧଡକ'ରୁ। ଚଳିତ ବର୍ଷ ଅକ୍ଟୋବର ୬ରେ ତାଙ୍କ ଅଭିନୀତ 'ବୱାଲ୍' ରିଲିଜ ହେବ। ଏହାର ସଫଳତାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ସେ। ଅନ୍ୟପକ୍ଷରେ ୱେବ୍ ସିରିଜ୍ ଜାହ୍ନବୀଙ୍କ କ୍ୟାରିୟରକୁ କେତେ ମାଇଲେଜ ଦେଉଛି ତାହା ଦେଖିବାକୁ ବାକି ରହିଲା।



# ପସନ୍ଦ କରନ୍ତି ନାହିଁ ଜନ୍

ଜନ୍ ଆବ୍ରାହମ କେତେକ ବିଷୟକୁ ନେଇ ବେଶ୍ ସଚେତନ। ସେ କଦାପି କୌଣସି ପାର୍ଟି କିମ୍ବା ଡ୍ୟାନ୍ସ ପ୍ରୋଗ୍ରାମକୁ ଯାଆନ୍ତି ନାହିଁ। କାରଣ ସବୁବେଳେ ଏକ ସାଧାସିଧା ଜୀବନଯାପନ କରିବାକୁ ଚାହାନ୍ତି । ଅଭିନୟ ପୂର୍ବରୁ ସେ ଜଣେ ଆଥେଲେଟ୍ ଥିଲେ। ଏପରି କି ଅନେକ ଦୌଡ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସେ ପୁରସ୍କୃତ ମଧ୍ୟ ହୋଇଛନ୍ତି। ଆଉ ଏକ କଥାକୁ ସେ ଆଦୌ ପସନ୍ଦ କରନ୍ତି ନାହିଁ। ତାହା ହେଲା ନିଶାଦ୍ରବ୍ୟ ସେବନ। ଏ ସମ୍ପର୍କରେ ଜନ୍ କହନ୍ତି, 'ଆଜିକାଲି ଅନେକ ଯୁବକ-ଯୁବତୀ ନିଶାଦ୍ରବ୍ୟ ସେବନ କରୁଛନ୍ତି। ସେମାନେ ଏସବୁଠାରୁ ନିଜକୁ ଦୂରେଇ ରଖିବା ଦରକାର। ମୁଁ ବିଶେଷଭାବରେ ପାର୍ଟି କିମ୍ବା ଡ୍ୟାନ୍ସ ପ୍ରୋଗ୍ରାମ ଆଟେଣ୍ଡ କରେନାହିଁ। କାରଣ ନିଜକୁ ସବୁବେଳେ ଏକ ଶାନ୍ତ ପରିବେଶରେ ମୁଁ ରଖିବାକୁ ଚାହିଁଥାଏ।' 'ଭିକି ଡୋନର' ଫିଲ୍ମ ପାଇଁ ତାଙ୍କୁ ଶ୍ରେଷ୍ଠ ପ୍ରଯୋଜକ ଭାବରେ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଏବଂ ଫିଲ୍ମ ଫେୟାର ଆୱାର୍ଡ ମଧ୍ୟ ମିଳିଥିଲା। ଏବେ ସେ ଅଭିନୟ ସହ ଫିଲ୍ମ ପ୍ରଯୋଜନାରେ ବ୍ୟସ୍ତ ଅଛନ୍ତି।

# ସୋନାକ୍ଷୀଙ୍କ ଟିପ୍ସ

ଶତ୍ରୁଘ୍ନ ତନୟା ସୋନାକ୍ଷୀ ସିହ୍ନାଙ୍କ ମୁଣ୍ଡକୁ ଏକ ନୂଆ ଆଇଡିଆ ଜୁଟିଛି। ସେ ଏବେ ନିଜ ସାଙ୍ଗମାନଙ୍କୁ ଟିପ୍ସ ବାଣ୍ଟିବାରେ ବ୍ୟସ୍ତ। ହେଲେ କେଉଁ ପ୍ରକାର ଟିପ୍ସ ବାଣ୍ଟୁଛନ୍ତି ଜାଣିବେନି ? କଥା କ'ଣ କି ନିକଟରେ ତାଙ୍କର କେତେ ଜଣ ସାଙ୍ଗମାନଙ୍କ ସହ ତାଙ୍କର ଭେଟ ହୋଇଗଲା। ଟାଇମ୍ ପାସ କରିବାକୁ ସେମାନେ ଏକ କଫି ପବ୍‌କୁ ଯାଇଥିଲେ। ଆଉ ସେଠାରେ କଫିର ମଜା ନେବା ସହ ଏକ ଆଲୋଚନାରେ ବ୍ୟସ୍ତ ରହିଥିଲେ। କିପରି ନିଜକୁ ଫିଟ୍ ଆଣ୍ଡ ଫାଇନ୍ ରଖିବ ସେ ନେଇ ବେଶ୍ କିଛି ସମୟ ନିଜର ଅଭିଜ୍ଞତା ସେୟାର କରିଥିଲେ ସୋନାକ୍ଷୀ। କେବଳ ସେତିକି ନୁହେଁ, ନିଜେ କିପରି ଫିଟ୍ ଅଛନ୍ତି ତାହାର ରହସ୍ୟ ବିଷୟରେ ସୂଚନା ଦେବାକୁ ମଧ୍ୟ ଭୁଲି ନ ଥିଲେ। 'ପ୍ରତିଦିନ ସକାଳେ ମୁଁ ଏକ୍ସରସାଇଜ ସହ ଯୋଗ, ପ୍ରାଣାୟାମ କରିବାକୁ ଭୁଲି ନ ଥାଏ। ମୋର ପ୍ରଥମ ସିନେମାର ମାତ୍ର ଦିନ କେଇଟାରେ ମୁଁ ନିଜ ଓଜନ କମାଇବାରେ ସକ୍ଷମ ହୋଇଥିଲି। ବାସ୍, ତା'ପରଠାରୁ ମୁଁ ନିଜ ଫିଗରକୁ କିପରି ସ୍ଲିମ୍ ଟ୍ରିମ୍ ରଖିବି ସେ ନେଇ ବେଶ୍ ଯତ୍ନବାନ।' ସୋନାକ୍ଷୀଙ୍କ ହିନ୍ଦୀ ସିନେମା କ୍ୟାରିୟର ଆରମ୍ଭ ହୋଇଥିଲା ୨୦୧୦ରୁ ଆଉ ଫିଲ୍ମଟି ଥିଲା 'ଦବଙ୍ଗ'। ତା'ପରେ 'ରାଉଡି ରାଠୋଡ୍', 'ଦବଙ୍ଗ-୨', 'ଲୁଟେରା', 'ବୁଲେଟ୍ ରାଜା' ଏବଂ 'ଡବଲ ଏକ୍ସସେଲ' ଆଦି ସିନେମାରେ ଅଭିନୟ କରିସାରିଛନ୍ତି।



# ଧୋକା

ଏହି ସିନେମାଟିର ଟାଇଟଲରୁ ଜଣାପଡୁଛି ଯେ ନିଶ୍ଚୟ କାହାଣୀରେ କିଛି ନୂତନତ୍ୱ ରହିଛି। କିଏ କାହାକୁ ଧୋକା ଦେଉଛି, ପୁଣି କାହିଁକି ଦେଉଛି ତାହା ଫିଲ୍ମଟିକୁ ଦେଖିଲେ ହିଁ ଜାଣିପାରିବେ । 'ଧୋକା : ଦ ଗେମ୍ ଅଫ ଲଭ୍' ଚିତ୍ରଟି ଚଳିତ ମାସ ୭ ତାରିଖ ସନ୍ଧ୍ୟା ୬.୩୦ରେ ଜୀ ସାର୍ଥକ ଚ୍ୟାନେଲରେ ପ୍ରସାରିତ ହେବ। ଏହାପୂର୍ବରୁ ଏହି ଚ୍ୟାନେଲ ଦ୍ୱାରା ପ୍ରଯୋଜିତ ଏବଂ ପ୍ରସାରିତ ସିନେମାଗୁଡିକ ଦର୍ଶକଙ୍କୁ ପ୍ରଭାବିତ କରିବାରେ ସକ୍ଷମ ହୋଇଛି। ଏହାର କାହାଣୀ ଅନୁସାରେ ନାୟକ ନିଜର ସାଥୀକୁ ସମସ୍ତ ଅସୁବିଧାରୁ ବଞ୍ଚେଇବାକୁ ଯାଇ ନିଜେ ପହଞ୍ଚିଛି ଜେଲରେ। ପୁଣି ଜେଲରୁ ବାହାରି ଓଡ଼ିଶାର ଗୋଟେ ବହୁତ ବଡ ପ୍ରତିଷ୍ଠାନର ମାଲିକଙ୍କ ଝିଅକୁ ଭଲ ପାଉଛି । ବାସ୍, ତା'ପରେ କାହାଣୀରେ ଆସିଛି ଅପ୍ରତ୍ୟାଶିତ ମୋଡ଼ । ଆଉ ଏହାର ଶେଷ ପରିଣତି କ'ଣ ହେଉଛି ତାହା ଫିଲ୍ମଟିକୁ ସମ୍ପୂର୍ଣ୍ଣ ଦେଖିଲେ ହିଁ ଜାଣିପାରିବେ ।'ଧୋକା' (ଦ ଗେମ୍ ଅଫ୍ ଲଭ୍) ରହସ୍ୟ ଓ ରୋମାଞ୍ଚରେ ପୂର୍ଣ୍ଣ। 'ଏହି ଫିଲ୍ମର କାହାଣୀରେ ରହସ୍ୟ, ରୋମାଞ୍ଚ ଭରି ରହିଛି, ଯାହା ଦର୍ଶକଙ୍କୁ ଶେଷ ପର୍ଯ୍ୟନ୍ତ ଭଲ ଲାଗିବ । ଦର୍ଶକମାନଙ୍କ ଦ୍ୱାରା ଚଳଚ୍ଚିତ୍ରଟି ନିଶ୍ଚୟ ଆଦୃତି ଲାଭ କରିବ ବୋଲି ଆଶା ରଖିଛନ୍ତି ଜୀ-ସାର୍ଥକର ଚ୍ୟାନେଲ ହେଡ୍ ପ୍ରତୀକ ସିଲ । ଏସ୍କିପି ପ୍ରଡକ୍ସନ ବ୍ୟାନରରେ ନିର୍ମିତ ତଥା କ୍ଷୀରୋଦ ପଟ୍ଟନାୟକଙ୍କ ପ୍ରଯୋଜିତ ଏହି ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ତ୍ରିପତି ସାହୁ। ସଂଳାପ ରଚନା କରିଛନ୍ତି ଓଲିଉଡ୍‌ର ଆଗଧାଡିର ତଥା ବରିଷ୍ଠ ସଂଳାପକାର ଡ. ରଜନୀ ରଞ୍ଜନ। ଚିତ୍ରଟିର ବିଭିନ୍ନ ଭୂମିକାରେ ଶୁଭାଶିଷ ଶର୍ମା (ମଣ୍ଟୁ), କୁକିଜ ସ୍ୱାଇଁ, ପୃଥ୍ୱୀରାଜ ନାୟକ, ଅଭୀପ୍ସା ଭଞ୍ଜ, ଜଗନ୍ନାଥ ସାହୁ ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ଡ. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମଦାର।



'ଧୋକା' ଫିଲ୍ମରେ ଶୁଭାଶିଷ-ଅଭୀପ୍ସା-କୁକିଜ୍



କରୀନା

# ଏଥର ଫଟୋଗ୍ରାଫି

କରୀନା କପୁର ଓରଫ ବେବୋଙ୍କ ମନ ଏବେ ଗୋଟିଏ ଜିନିଷ ଆଡକୁ ମନ ଢଳିଛି। ତାହା କ'ଣ ଜାଣନ୍ତି ? ଫଟୋଗ୍ରାଫି। ତେଣୁ ସେ ଯୁଆଡେ ଗଲେ ସାଙ୍ଗରେ କ୍ୟାମେରା ନେବାକୁ ଭୁଲୁ ନାହାନ୍ତି। ଅବସର ମିଳିବା ମାତ୍ରେ ସେ ନିକଟସ୍ଥ ମନପସନ୍ଦର ସ୍ଥାନକୁ ଯାଇ ଫଟୋ ଉଠାଉଛନ୍ତି। କେବଳ ସେତିକି ନୁହେଁ, ଏହି ଫଟୋଗୁଡିକୁ ସେ ନିଜ ସୋସିଆଲ ମିଡିଆରେ ପୋଷ୍ଟ କରୁଛନ୍ତି। ନିଜର ଏଭଳି ଅଭ୍ୟାସ ବିଷୟରେ କରୀନା କହନ୍ତି, 'ନେଚର ଇଜ୍ ଅଲୱେଜ୍ ବିୟୁଟିଫୁଲ। ତେଣୁ ଏଭଳି ପ୍ରାକୃତିକ ଦୃଶ୍ୟରାଜିକୁ ମୋ କ୍ୟାମେରାରେ କଏଦ କରିବା ସହ ସେଗୁଡିକୁ ଆଲବମ୍‌ରେ ସାଇତି ରଖୁଛି। ଗତ କିଛି ବର୍ଷ ହେବ ମୁଁ ଫଟୋଗ୍ରାଫି ପ୍ରତି ମନ ବଳାଇଛି। କେବଳ ସେତିକି ନୁହେଁ, ଏହି ଫଟୋଗୁଡିକୁ ନେଇ ଏକ ଫଟୋ ପ୍ରଦର୍ଶନୀ କରିବାକୁ ଆଶା ରଖିଛି।' ନିଜ ଆକ୍ଟିଂ କ୍ୟାରିୟରରେ ସେ ଗୋଟିଏ କଥାକୁ ନେଇ ଅବଶୋଷ ବ୍ୟକ୍ତ କରନ୍ତି। କଙ୍ଗନା ରାଣାୱତଙ୍କ ଅଭିନୀତ ତଥା ବିକାଶ ବହଲ୍‌ଙ୍କ ନିର୍ଦ୍ଦେଶିତ 'କୁଇନ୍'ର ଲିଡ୍ ରୋଲ୍‌ରେ ଅଭିନୟ କରିବାକୁ ପ୍ରଥମେ କରୀନାଙ୍କୁ ଅଫର ଦିଆଯାଇଥିଲା। କିନ୍ତୁ କେତେକ କାରଣରୁ ସେ ଏହି ଅଫରଟିକୁ ହାତଛଡା କରିବାକୁ କଙ୍ଗନାଙ୍କୁ ସାଇନ୍ କରାଯାଇଥିଲା। ପରବର୍ତ୍ତୀ ସମୟରେ ଫିଲ୍ମଟି ମଧ୍ୟ ହିଟ୍ ହୋଇଥିଲା। ତେଣୁ ଏଭଳି ଏକ ସୁଯୋଗକୁ ପ୍ରତ୍ୟାଖ୍ୟାନ କରିଥିବାରୁ ବେଳେବେଳେ ଦୁଃଖ କରନ୍ତି ।

# ପଦିଏ କଥା

ଜ୍ୟାକଲିନ୍ ଫର୍ନାଡିସଙ୍କ ମୁହଁରେ ଏବେ ଜଣଙ୍କର ପ୍ରଶଂସା ଶୁଣିବାକୁ ମିଳୁଛି। ସେ କିଏ ଜାଣନ୍ତି ? କଙ୍ଗନା ରାଣାୱତ। ଯୁଆଡେ ଗଲେ ତାଙ୍କୁ ପ୍ରଶଂସାରେ ପୋତି ପକାଉଛନ୍ତି ଏହି ଅଭିନେତ୍ରୀ। ଏହା ପଛରେ ସେଭଳି କାରଣ ମଧ୍ୟ ରହିଛି। ନିକଟରେ ଏକ ପ୍ରୋବ୍ଲେମରେ ଫସି ଯାଇଥିଲେ ଜ୍ୟାକଲିନ୍। ଏହି ସମୟରେ ତାଙ୍କର ଭେଟ ହୋଇ ଥିଲା କଙ୍ଗନାଙ୍କ ସହ। ବାସ୍, ତାଙ୍କର ସମସ୍ୟାକୁ ସେ ଏଭଳି ସମାଧାନ କରି ଦେଲେ ଯେ ଜ୍ୟାକଲିନ୍‌ଙ୍କ ଖୁସି କହିଲେ ନ ସରେ। ଏ ନେଇ ସେ କହନ୍ତି, 'ନିକଟରେ ମୁଁ ଏକ ବଡ ସମସ୍ୟାର ସମ୍ମୁଖୀନ ହୋଇଥିଲି। ଠିକ୍ ସେତିକି ବେଳକୁ ଥରେ ମୋର କଙ୍ଗନାଙ୍କ ସହ ଭେଟ ହୋଇଗଲା। ଯେତେବେଳେ ତାଙ୍କୁ ଏ ବିଷୟରେ କହିଲି ସେ କିଛି ସମୟ ଚିନ୍ତା କରିବା ପରେ ମୋତେ କିଛି ଟିପ୍ସ ଦେଇଥିଲେ। ଆଉ ତା'ପରେ ମୋ ସମସ୍ୟାର ସମାଧାନ ବାଟ ମୋତେ ମିଳିଯାଇଥିଲା। କେବଳ ସେତିକି ନୁହେଁ, କଙ୍ଗନାଙ୍କ ଅଭିନୀତ ପ୍ରାୟ ସବୁ ଫିଲ୍ମ ମୁଁ ଦେଖିଛି। ପ୍ରକୃତରେ ସେ ଜଣେ ଅଲରାଉଣ୍ଡର। ଏବେ ସେ ନିର୍ଦ୍ଦେଶନା ଦେଉଥିବା ଏବଂ ମୁଖ୍ୟ ଭୂମିକାରେ ଅଭିନୟ କରୁଥିବା 'ଇମରଜେନ୍ସି'ର ନିର୍ମାଣ ଚାଲିଛି। ଏହି ଫିଲ୍ମଟି ତାଙ୍କ କ୍ୟାରିୟରକୁ ନିଶ୍ଚୟ ମାଇଲେଜ ଦେବ ବୋଲି ଆଶା ରଖିଛି।



ଜ୍ୟାକ୍ଲିନ୍

## ପ୍ରଥମ ରୋଜଗାର

# ଦରମା ଟଙ୍କା ଘରକୁ ପଠାଇଥିଲି



ସାହିତ୍ୟିକ ତଥା ପ୍ରଶାସନିକ ଅଧିକାରୀ **ବିଶି କେଶନ ଦେହୁରୀ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

କେନ୍ଦୁଝର ଜିଲା ତେଲକୋଇ ନିକଟସ୍ଥ ନୂଆଗାଁରେ ମୋର ଜନ୍ମ। ଉତ୍କଳ ବିଶ୍ୱବିଦ୍ୟାଳୟରେ ଇତିହାସରେ ଏମ୍.ଏ ପଢିବା ସମୟରେ ରେଳବାଇ ବିଭାଗରେ ଜୁନିୟର୍ କ୍ଲର୍କ ପାଇଁ ଇଣ୍ଟରଭ୍ୟୁ ଦେଇଥିଲି। ସେଥିରେ କୃତକାର୍ଯ୍ୟ ହେବାରୁ ୧୯୮୯ରେ ଚାକିରିରେ ଯୋଗଦେଲି। ପ୍ରଥମ ମାସ ୧୩୫୦ ଟଙ୍କା ଦରମା ମିଳିଲା ; ଯେଉଁଥିରୁ ୫୦୦ଟଙ୍କା ଘରକୁ ପଠାଇଥିଲି। ତା'ପରେ କିଛି ଟଙ୍କାରେ ନିଜ ପାଇଁ ନୂଆ ଡ୍ରେସ୍ କିଣିଲି। ବଳିଥିବା ୩୦୦ ଟଙ୍କାକୁ ସଞ୍ଚୟ କରିଥିଲି ହାର୍ମୋନିୟମ୍ କିଣିବାକୁ। ପ୍ରାୟ ୬ ବର୍ଷ ଜୁନିୟର୍ କ୍ଲର୍କ ଭାବେ କାମ କରିବା ଭିତରେ ଇତିହାସରେ ଏମ୍.ଏ ସାଙ୍ଗକୁ ଏଲ୍.ଏଲ୍.ବି ପଢା ସାରି ଦେଇଥିଲି। ତା'ପରେ ଓ.ଏ.ଏସ୍ ପରୀକ୍ଷା ଦେଇ ସେଥିରେ ମଧ କୃତକାର୍ଯ୍ୟ ହେବାରୁ ୧୯୯୬ ମସିହା ଜୁଲାଇ ୧ରୁ ଗୋପବନ୍ଧୁ ଏକାଡେମୀ ଅଫ୍ ଆଡମିନିଷ୍ଟ୍ରେଶନରେ ପାଖାପାଖି ୧୮ ମାସ ଟ୍ରେନିଂ ନେଲି। ଟ୍ରେନିଂ ସରିବା ପରେ ବଲାଙ୍ଗୀର କଲେକ୍ଟରେଟ୍ ଅଫିସ୍‌ରେ ଅଫିସର୍ସ ଇନ୍‌ଚାର୍ଜ (ଯାହାକୁ ଏବେ ଡେପୁଟି କଲେକ୍ଟର କୁହାଯାଉଛି)ଭାବେ ମୋତେ ନିଯୁକ୍ତି ମିଳିଲା। ୨/୩ ବର୍ଷ ସେଠାରେ କାମ କରିବା ପରେ ଜଗତସିଂହପୁରକୁ ଆଡିସନାଲ୍ ତହସିଲଦାର୍ ଭାବେ ମୋର ବଦଳି ହେଲା। ତା'ପରେ ତହସିଲ୍‌ଦାର୍ ଭାବେ ବି ସେଠାରେ ଦାୟିତ୍ୱ ନେଲି। ଏହାପରେ ବିଡିଓ ଭାବେ ବ୍ରହ୍ମଗିରି, ଜଗତସିଂହପୁର ଏବଂ ମୟୂରଭଞ୍ଜ ଜିଲାର ଶୁକ୍ରୁଳିରେ କିଛିକିଛି ଦିନ ଦାୟିତ୍ୱରେ ରହିବା ପରେ ସବ୍-କଲେକ୍ଟର ହୋଇ ତିତିଲାଗଡ଼ ଗଲି। ତିତିଲାଗଡ଼ ସମେତ ଆଠମଲ୍ଲିକ ଓ ବାରିପଦାରେ ବି ସବ୍-କଲେକ୍ଟର ଭାବେ କିଛିକିଛି ଦିନ କାମ କଲି। ତା'ପରେ ମୟୂରଭଞ୍ଜରେ ଆଡିସନାଲ୍ ପ୍ରୋଜେକ୍ଟ ଡାଇରେକ୍ଟର, ଆଡମିନିଷ୍ଟ୍ରେଶନ୍, ଡିଆରଡିଏରେ କିଛିଦିନ, ରେଢ଼ାଖୋଲରେ ପୁଣି ସବ୍-କଲେକ୍ଟର ଏବଂ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ଯୁଗ୍ମ ସଚିବ ଭାବେ କିଛିଦିନ ଦାୟିତ୍ୱରେ ରହିଲି। ଆଉ ଏବେ ମୁଁ ଓଡ଼ିଶା ରାଜ୍ୟ ପରିବହନ ନିଗମରେ ସାଧାରଣ ପରିଚାଳକ ପ୍ରଶାସନ ଭାବେ କାର୍ଯ୍ୟରତ ଅଛି। ଅବଶ୍ୟ ତା'ରି ଭିତରେ ସମୟ ବାହାର କରି ଓଡ଼ିଆରେ ଏମ୍.ଏ କରିଛି। କେବଳ ସେତିକି ନୁହେଁ ସାହିତ୍ୟ ପ୍ରତି ରୁଚି ଥିବାରୁ ଅନେକ ଲେଖା ବି ଲେଖିଛି ; ଯାହାକୁ ଆଧାର କରି ଯା'ଭିତରେ ତିନୋଟି ପୁସ୍ତକ ମୋର ପ୍ରକାଶିତ ହୋଇସାରିଲାଣି, ଯଥା: 'ଗୀତ ଲହରୀ', 'ମା'କିଚକେଶ୍ୱରୀ ମହିମା', 'ସତରଞ୍ଜ ବୁଦ୍ଧିର ବିକାଶ'। ଖୁବ୍‌ଶୀଘ୍ର 'ସତରଞ୍ଜ ବୁଦ୍ଧିର ବିକାଶ'ପୁସ୍ତକର ଇଂରାଜୀ ଅନୁବାଦ ପୁସ୍ତକ ; ଯାହାର ନାଁ ହେଉଛି 'ଚେସ୍ ଡେଭଲପ୍‌ମେଣ୍ଟ ଅଫ୍ ବ୍ରେନ୍' ପ୍ରକାଶିତ ହେବାକୁ ଯାଉଛି। ତା'ଛଡ଼ା ଗୀତ ବୋଲିବାରେ ବି ମୋର ଖୁବ୍ ରୁଚି ରହିଛି। ବିଶେଷକରି ଭଜନ ଓ ଜଣାଣ ମୁଁ ବୋଲେ। ସେଥିପାଇଁ ଅଲ୍ ଇଣ୍ଡିଆ ରେଡ଼ିଓର ସ୍ୱୀକୃତିପ୍ରାପ୍ତ କଣ୍ଠଶିଳ୍ପୀ ଭାବେ ଭିନ୍ନ ଏକ ପରିଚୟ ବି ମୋର ରହିଛି। ଏହାଛଡ଼ା 'ଅପହଞ୍ଚ ଇଲାକା' ନାମରେ ମୋର ଏକ ୟୁଟ୍ୟୁବ୍ ଚ୍ୟାନେଲ୍ ମଧ ଅଛି ; ଯେଉଁଥିରେ ମୁଖ୍ୟତଃ ସଙ୍ଗୀତ ଓ ଚେସ୍ ଖେଳ ବିଷୟରେ ଆଲୋକପାତ କରାଯାଇଥାଏ।

## ସାଥୀ




# ଟିକିଏ ରୁଷାକୁ ଅଳପ ହସ, ସେଥିରୁ ଝରୁଛି ପ୍ରେମର ରସ

**ପ୍ରଶ୍ନ**–ଜଣେ ଝିଅ ଦେଖିଲେ ବେଳେବେଳେ ହସି ଦେଉଛି। ପୁଣି କେତେବେଳେ ରୁଷି ଚାଲିଯାଉଛି। ସେ ମୋତେ ଭଲ ପାଉଛି ବୋଲି କେମିତି ଜାଣିବି ?

*–ଅମରେନ୍ଦ୍ର, ଭଦ୍ରକ*

**ଉତ୍ତର:** 'ଟିକିଏ ରୁଷାକୁ ଅଳପ ହସ, ସେଥିରୁ ଝରୁଛି ପ୍ରେମର ରସ।' ସୁନ୍ଦରୀଟିଏ ଆପଣଙ୍କୁ ଦେଖି ମୁରୁକି ହସି ଦେଉଛି ତ ପୁଣି କେତେବେଳେ ରୁଷି ଚାଲିଯାଉଛି। ପ୍ରେମର ଷ୍ଟାର୍ଟିଂରେ ଏଭଳି ଘଟଣା ଘଟିଥାଏ। ସେହି ହସ ଆଉ ରୁଷା ଭିତରେ ପ୍ରେମର ଅସଲ ସ୍ୱାଦ ରହିଛି। ତାହାର ଚାହାଣୀ, ଭାବଭଙ୍ଗୀକୁ ଭଲ ଭାବରେ ତର୍ଜମା କରନ୍ତୁ। ଆପଣଙ୍କ ପ୍ରଶ୍ନର ଉତ୍ତର ତାହାରି ଭିତରେ ହିଁ ଲୁଚି ରହିଛି।

**ପ୍ରଶ୍ନ**–ପ୍ରେମ କଲେ କେମିତି ଲାଗେ କହିବେ କି ସାଥୀ ?

*–ଜିତେନ୍ଦ୍ର ସାହୁ, ପାରାଦୀପ, ଜଗତସିଂହପୁର*

**ଉତ୍ତର:** କଥାରେ ଅଛି–ପ୍ୟାର୍ କା ଲଡ୍ଡୁ, ଜୋ ଖାୟା ପସ୍ତାୟା, ଜୋ ନେହିଁ ଖାୟା ଓ୍ୱ ଭି ପସ୍ତାୟା। ପ୍ରେମ କଲେ କିପରି ଲାଗେ ସେ ବିଷୟରେ କେହି ପଦଟିଏ କହିଦେଲେ ଆପଣ ଶୁଣି ଖୁସି ହେବେ। ଯଦି ବାସ୍ତବରେ ପ୍ରେମ କରିବେ ସେତେବେଳେ ଏହାର ଚାର୍ମ ନିଜେ ହିଁ ଅନୁଭବ କରିପାରିବେ। ଯଦି ପ୍ରେମ କରିବାକୁ ମନ ବଳାଇଛନ୍ତି ତେବେ ଭେଜାଲ ପ୍ରେମ କରନ୍ତୁ ନାହିଁ। ଏଭଳି ପ୍ରେମିକାଟିଏ ଚଏସ କରନ୍ତୁ, ଯିଏ ସାରା ଜୀବନ ଆପଣଙ୍କ ହାତ ଧରି ଚାଲୁଥିବ।

**ପ୍ରଶ୍ନ**–ମୁଁ ଜଣେ ଝିଅକୁ ଭଲ ପାଉଛି। ହେଲେ ସେ ଯେ ମୋତେ ଭଲ ପାଉଛି ମୋତେ କାହିଁ ସେମିତି କିଛି ଲାଗୁ ନାହିଁ। କ'ଣ କରିବି ?

*–ଚତୁର୍ଭୁଜ ନାୟକ, ସୋନପୁର*

**ଉତ୍ତର:** ଆପଣ ଯାହାକୁ ମନ ପ୍ରାଣ ଦେଇ ଲଭ୍ କରୁଛନ୍ତି ସେ ନେଇ ସେପଟୁ ଅର୍ଥାତ୍ ପ୍ରେମିକା ପକ୍ଷରୁ ଗ୍ରୀନ୍ ସିଗନାଲ ଅଛି ତ ? ଯଦି ନାହିଁ, ଆଉ ଆପଣ ସେ ସୁନ୍ଦରୀ ରୂପରେ ବାୟା ହୋଇ ପ୍ରେମ ମାୟାରେ ପଡିଛନ୍ତି ତେବେ ଭବିଷ୍ୟତରେ ଏହା ହୁଏତ ମରିଚିକା ପରି ହୋଇପାରେ। ମନକୁ ମନ ଭାବିଦେଲେ ତ ପ୍ରେମ ହୁଏନା। ଯାହାକୁ ପ୍ରେମ କରିବେ ତାହାର ସହମତି ରହିବା ଦରକାର। ନ ହେଲେ ଅଧା ଦରିଆରେ ଆପଣ ଏକ ଦିଗହରା ନାବିକ ହୋଇ ଘୁରି ବୁଲୁଥିବେ।

**ପ୍ରଶ୍ନ**–ଜଣେ ଝିଅକୁ ମୁଁ କେତେ ଥର 'ଆଇ ଲଭ୍ ୟୁ' କହିସାରିଲାଣି। ହେଲେ ସେ ମୋତେ କିଛି କହିବାକୁ ଚାହୁଁଛି। ହେଲେ କହୁନି କାହିଁକି ?

*–ପଞ୍ଚାନନ, କଟକ*

**ଉତ୍ତର:** ଯାହାକୁ ଆପଣ 'ଆଇ ଲଭ୍ ୟୁ' କହିଛନ୍ତି, ତାହାର ଭାବଭଙ୍ଗୀକୁ ଟିକେ ତର୍ଜମା କରନ୍ତୁ ନା ! ଉଲ୍ଲେଖ କରିଛନ୍ତି ଯେ ସେ ଆପଣଙ୍କୁ କିଛି କହିବାକୁ ଚାହୁଁଛି। ହୁଏତ ସେହି ଅକୁହା କଥାରେ ପ୍ରେମର ପହିଲି ପୁଲକ ଲୁଚି ରହିଥାଇ ପାରେ। ତେଣୁ ଅଧୈର୍ଯ୍ୟ ନ ହୋଇ ଟିକେ ଅପେକ୍ଷା କରନ୍ତୁ। ହୁଏତ ଆପଣଙ୍କ ମନର ମାନସୀ ସମୟ ସୁବିଧାକୁ ଅପେକ୍ଷା କରିଛି। ବେଳେବେଳେ ପ୍ରେମର କଥାକୁ ଡାଇରେକ୍ଟଲି କହି ହୁଏନା। ତାଙ୍କର ଚାହାଣୀ ଆଉ ଓଠ ଅଗରେ ଅଟକି ଯାଇଥିବା ଦି' ପଦ କଥାରେ ପ୍ରେମ ଅଟକି ଯାଇଥାଏ। ତେଣୁ ସେଗୁଡିକୁ ଟିକେ ଥଣ୍ଡା ମିଜାସରେ ଆନାଲିସିସ୍ କରନ୍ତୁ।

**ପ୍ରଶ୍ନ**–ମୋ ପ୍ରେମିକାକୁ ନେଇ ମୁଁ ଅନେକ କବିତା ଲେଖିଛି। ହେଲେ ସେଗୁଡ଼ିକୁ ସେ ପ୍ରଶଂସା କରୁନାହିଁ। କ'ଣ କରିବି ?


*–ଦୁଷ୍ମନ୍ତ କୁମାର, ଢେଙ୍କାନାଳ*

**ଉତ୍ତର:** ଆପଣଙ୍କ ଭିତରେ କବିତା ଲେଖିବାର ପ୍ରତିଭା ଅଛି–ତାହା ନିଶ୍ଚୟ ସ୍ୱାଗତଯୋଗ୍ୟ। ହେଲେ ଆପଣଙ୍କ ପ୍ରେମିକା ମଗଜରେ ସେକଥା ପଶିବା ଦରକାର। ସେ ହୁଏତ ଭାବୁଥିବ ଯେ, ଆପଣ ଏମିତି କିଛି କବିତା ଲେଖୁଛନ୍ତି। ତେଣୁ ଆପଣ ଜଣେ କବି ଆଉ ସୁନ୍ଦର ପ୍ରେମ କବିତା ଲେଖିବାରେ ଆପଣଙ୍କର ପଟୁତା ରହିଛି ବୋଲି ସେପରି ବିଶ୍ୱାସ ପ୍ରଥମେ ପ୍ରେମିକା ମନରେ ସୃଷ୍ଟି କରନ୍ତୁ। ତା'ପରେ ହୁଏତ ସେ ଆପଣଙ୍କ ରଚିତ ତଥା ମନକୁ ଛୁଇଁଲା ଭଳି କବିତାଗୁଡ଼ିକୁ ପଢ଼ିବାକୁ ଚେଷ୍ଟା କରିବେ।

# ଦାମୀ ବହି



**ବହି ଜ୍ଞାନର ଭଣ୍ଡାର। ଆଉ ଏମିତି ଏକ ସାଥୀ ଯିଏ, ଦୁଃଖରେ ସୁଖରେ ସବୁବେଳେ ରହେ ସାଙ୍ଗରେ। ଏହାର ମୁଲ ଅମୂଲ ମୁଲ। ସେଇଥିପାଇଁ ତ କିଛି ବହି ନିଲାମ ହେଉଛି କୋଟି କୋଟି ଟଙ୍କାରେ...**



ଫର୍ଷ୍ଟ ଫୋଲିଓ

**ଦ କୋଡେକ୍ସ ଲିସେଷ୍ଟର:** ଲିଓ ନାର୍ଡୋ ଦା ଭିନ୍ସିଙ୍କ ଦ୍ୱାରା ରଚିତ ଏହି ପୁସ୍ତକ ପୃଥିବୀର ସବୁଠାରୁ ପ୍ରସିଦ୍ଧ ସାଇଣ୍ଟିଫିକ୍ ଜର୍ନଲ ଅଟେ। ଏହା 'କୋଡେକ୍ସ ହାମର୍' ନାମରେ ବି ପରିଚିତ। ଏଥିରେ ୭୨ ପୃଷ୍ଠା ଅଛି। ଏହା ଲିଓନାର୍ଡୋ ଦା ଭିନ୍ସିଙ୍କର ହସ୍ତଲିଖିତ ପାଣ୍ଡୁଲିପି ଅଟେ। ଜୀବାଶ୍ମଠାରୁ ଆରମ୍ଭ କରି ପାଣିର ଗତି, ଚନ୍ଦ୍ରମାର ଔଜ୍ଜଲ୍ୟତା ପର୍ଯ୍ୟନ୍ତ ଏଥିରେ ବର୍ଣ୍ଣିତ। ପ୍ରଥମେ ଏହି ପାଣ୍ଡୁଲିପିକୁ ୧୭୧୭ରେ ଥମାସ୍ କୁକ୍ କିଣିଥିଲେ, ଯେକି ପରବର୍ତ୍ତୀ ସମୟରେ ଅର୍ଲ ଅଫ୍ ଲିସେଷ୍ଟର ହୋଇଥିଲେ। ତେଣୁ ପରେ ତାଙ୍କ ପଦବୀ ଅନୁସାରେ ଏହି ବହିର ନାମ କୋଡେକ୍ସ ଲିସେଷ୍ଟର ରଖାଯାଇଥିଲା। ବର୍ତ୍ତମାନ ଏହି ପୁସ୍ତକ ପୃଥିବୀର ସବୁଠାରୁ ଧନୀ ବ୍ୟକ୍ତି ବିଲ୍ ଗେଟ୍ସଙ୍କ ପାଖରେ ଅଛି। ୧୯୯୪ରେ କ୍ରିଷ୍ଟିସ୍ ଅକ୍ସନ ହାଉସ୍‌ରୁ ସେ ଏହାକୁ ୩୦ ମିଲିୟନ ବା ୨୦୦ କୋଟିରୁ ଉର୍ଦ୍ଧ୍ୱରେ କିଣି ୱାର୍ଲଡ ରେକର୍ଡ କରିଥିଲେ।

**ମ୍ୟାଗ୍ନା କାର୍ଟା:** ଇଂଲଣ୍ଡର ରାଜା ଜନ୍ ଓ ଷ୍ଟିଫେନ୍ ଲାଙ୍ଗଟନ୍ ଏହି ପୁସ୍ତକକୁ ୧୨୯୭ରେ ରଚନା କରିଥିଲେ। ପରେ ଏହାକୁ ଆମେରିକାର ରସ୍ ପେରୋ ଓ ତା'ପରେ ଏହାକୁ କାର୍ଲାଇଲ୍ ଗ୍ରୁପ୍‌ର କୋ-ଫାଉଣ୍ଡର ଡେଭିଡ ରୁବେନ୍‌ଷ୍ଟିନ୍ କିଣିଥିଲେ। ଉକ୍ତ ପୁସ୍ତକର ମୂଲ୍ୟ ୨୪.୫ ମିଲିୟନ ଡଲାର।

**ସେଣ୍ଟ କଥବର୍ଟ ଗୋସ୍ପେଲ:** ଏହାର ଲେଖକ ସମ୍ପର୍କରେ ବିଶେଷ କିଛି ଜଣା ନ ଥିଲେ ହେଁ ଲାଟିନ୍ ଭାଷାରେ ଲିଖିତ ଉକ୍ତ ପୁସ୍ତକ ଅଷ୍ଟମ ଶତାବ୍ଦିର ବୋଲି କୁହାଯାଏ। ସେଣ୍ଟ ଜନ୍‌ଙ୍କ ଶାସ୍ତ୍ରର ଏହା ଏକ ଛୋଟିଆ କପି। ଏହାର କଭର୍ କାଠ ବୋର୍ଡରେ ତିଆରି, ଯାହାକି ରେଡ୍ ଗୋଟ ସ୍କିନ୍ କଭର୍ ହୋଇଛି। ଜେସୁଇଟ୍ସ୍(ସୋସାଇଟି ଅଫ୍ ଜେସସ୍) ଏହାକୁ ବ୍ରିଟିଶ ଲାଇବ୍ରେରୀକୁ ବିକ୍ରି କରି ଦେଇଥିଲେ। ଏହାର ମୂଲ୍ୟ ୧୫.୧ ମିଲିୟନ ଡଲାର।



ଦ କ୍ୟାଣ୍ଟରବରୀ ଟେଲ୍ସ


**ବେ ସାଲ୍ମ ବୁକ୍:** ଏହାକୁ ବ୍ରିଟିଶ ନର୍ଥ ଆମେରିକାର ପ୍ରଥମ ଛପା ପୁସ୍ତକ ଭାବେ ଗଣନା କରାଯାଏ। ୧୬୪୦ରେ ମାସାଚୁସେଟ୍ସସ୍ଥ ଷ୍ଟିଫେନ୍ ଡେ' ପ୍ରେସ୍‌ରେ ଏହାକୁ ଛପା ଯାଇଥିଲା। ଏହି ପୁସ୍ତକଟିର ଲେଖକ କିଏ ଜଣା ନାହିଁ। ଏହାର ପ୍ରଥମ ସଂସ୍କରଣର ଏକ ମାତ୍ର ସଂରକ୍ଷିତ କପି ୨୦୧୩ରେ ୧୪.୧ ମିଲିୟନ ଡଲାରରେ ନିଲାମ ହୋଇଥିଲା।


**ଦ ଗୋସ୍ପେଲ ଅଫ୍ ହେନରୀ ଦ ଲାୟନ୍ :** ରୋମ ସଂସ୍କୃତି ଉପରେ ରଚିତ ଉକ୍ତ ପୁସ୍ତକକୁ ସେଣ୍ଟ ବେନେଡିକ୍ଟ ୧୧୭୪ରେ ରଚନା କରିଥିଲେ। ଏହି ପୁସ୍ତକକୁ ୧୯୮୩ ମସିହାରେ ଜର୍ମାନୀର ସରକାର କିଣିନେଇଥିଲା। ୫୦ ପୃଷ୍ଠା ସମ୍ବଳିତ ଉକ୍ତ ପୁସ୍ତକର ମୂଲ୍ୟ ୧୧.୭ ମିଲିୟନ ଡଲାର।

**ଦ କ୍ୟାଣ୍ଟରବରୀ ଟେଲ୍ସ:** 'ଇଂରାଜୀ ଭାଷା ସାହିତ୍ୟ' ଓ 'ଇଂରାଜୀ କବିତା'ର ଜନକଭାବେ ପରିଚିତ ଜେଓଫ୍ରେ ଚାଉସର୍‌ଙ୍କର ଏହା ଏକ ଗଳ୍ପ ପୁସ୍ତକ। ଏଥିରେ ୨୪ଟି ଗଳ୍ପ ରହିଛି। ଜେଓଫ୍ରେ ଚାଉସର୍‌ଙ୍କର ଏହା ହେଉଛି ସବୁଠାରୁ ଚର୍ଚ୍ଚିତ ପୁସ୍ତକ। ମିଡିଲ ଇଂଲିଶରେ ରଚିତ ଏହି ପୁସ୍ତକ ୧୯୯୮ରେ କ୍ରିଷ୍ଟିସ୍ ଅକ୍ସନରେ ୭.୫ ମିଲିୟନ ଡଲାରରେ ନିଲାମ ହୋଇଥିଲା।


**ଫର୍ଷ୍ଟ ଫୋଲିଓ:** ଇଂରାଜୀ ସାହିତ୍ୟର ମହାନ୍ ନାଟକକାର ୱିଲିୟମ ସେକ୍ସପିୟରଙ୍କ ଦ୍ୱାରା ରଚିତ ଉକ୍ତ ପୁସ୍ତକର ମୂଳ କପି ୨୦୦୧ରେ ନ୍ୟୁୟର୍କରେ ନିଲାମ ହୋଇଥିଲା। ମାଇକ୍ରୋସଫ୍ଟ କମ୍ପାନୀର ସହ ସଂସ୍ଥାପକ ପଲ୍ ଏଲେନ୍ ଏହାକୁ ୨ ମିଲିୟନ ଡଲାରରେ କିଣିଥିଲେ।


ସେଣ୍ଟ କଥବର୍ଟ ଗୋସ୍ପେଲ


ଦ ଗୋସ୍ପେଲ ଅଫ୍ ହେନରୀ ଦ ଲାୟନ୍



ଦ କ୍ୟାଣ୍ଟରବରୀ ଟେଲ୍ସ


ଦ କୋଡେକ୍ସ ଲିସେଷ୍ଟର

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।



ପ୍ରକେଶ

ଆପଣଙ୍କ ମୁହଁ ମଡେଲ ମିରରରେ ଦେଖିବାକୁ ଚାହୁଁଥିଲେ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୪ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

## ହାଃ ହାଃ

### ହଜିଗଲେ

ସ୍ତ୍ରୀ ସ୍ୱାମୀଙ୍କୁ: ହେଇଟି ଶୁଣୁଛ, ମୁଁ ଯଦି ହଜିଯାଏ ତମେ କ'ଣ କରିବ?
ସ୍ୱାମୀ: ପେପର୍‌ରେ ବିଜ୍ଞାପନ ଦେବି।
ସ୍ତ୍ରୀ: ସତରେ ତମେ ମତେ ବହୁତ ଭଲ ପାଅ। ତେବେ ବିଜ୍ଞାପନରେ କ'ଣ ଲେଖିବ?
ସ୍ୱାମୀ: ବିଜ୍ଞାପନରେ ତୁମ ଫଟୋ ତଳେ ଲେଖିବି 'ଯେଉଁଠି ଅଛ ଭଲରେ ଥାଅ'।

### ଧନ

ଜ୍ୟୋତିଷ ଗୋପୀକୁ: ତୁମ ଜାତକରେ ବହୁତ ଧନ ଅଛି।
ଗୋପୀ: ସତ! ତା'ହେଲେ ମତେ ଏତିକି କୁହନ୍ତୁ ଜାତକରୁ ମୋ ବ୍ୟାଙ୍କ ଆକାଉଣ୍ଟକୁ ସେସବୁ କେମିତି ଟ୍ରାନ୍ସଫର୍ କରିବି?

### ନୂଆ

ପୁନମ ସାଙ୍ଗ ରାଣୀକୁ: ଏ ଶାଢ଼ି ତ ବହୁତ ସୁନ୍ଦର ହେଉଛି। ନୂଆ ବୋଧେ।
ରାଣୀ: ହଁ ନୂଆ, ୫୦୦୦ଟଙ୍କାରେ କିଣିଛି।
ପୁନମ: ଏ ଗହଣା ବି ନୂଆ ବୋଧେ।
ରାଣୀ:ହଁ, ୨ ଲକ୍ଷ ଟଙ୍କାର ଡାଇମଣ୍ଡ ସେଟ୍ ଇଏ।
ପୁନମ: ଆରେ, ତୋ ସ୍ୱାମୀ କ'ଣ ଚାକିରି ବଦଳେଇ ଦେଇଛନ୍ତି? ଏତେ ଟଙ୍କା କୋଉଠୁ ଆଣୁଛନ୍ତି?
ରାଣୀ: ନା, ସେ ଚାକିରି ବଦଳେଇ ନାହାନ୍ତି। ମୁଁ ସ୍ୱାମୀ ବଦଳେଇ ଦେଇଛି।






# ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ଧନଉଲ୍‌ଟି

**ଉତ୍ତରାଖଣ୍ଡସ୍ଥିତ ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ହେଉଛି ଧନଉଲ୍‌ଟି। ଶୈଳନିବାସ ଭାବେ ବି ଏହା ପରିଚିତ। ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟକୁ ଉପଭୋଗ କରିବାର ଢେର୍ ସୁଯୋଗ ରହିଛି ଏଠାରେ। ସେଥିପାଇଁ ଖରାଦିନ ହେଉ କି ଶୀତଦିନ ସବୁବେଳେ ଏଠି ପର୍ଯ୍ୟଟକଙ୍କର ଭିଡ଼ ଦେଖିବାକୁ ମିଳେ। ପର୍ଯ୍ୟଟକ ଏଠାରେ ବୁଲାବୁଲି କରିବା ସହ ଅନେକ ଦୁଃସାହସିକ କ୍ରୀଡ଼ାର ମଧ୍ୟ ଭରପୂର ମଜା ନେଇପାରିବେ...**

ଧନଉଲ୍‌ଟି ଉତ୍ତରାଖଣ୍ଡସ୍ଥିତ ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ। ହିଲ୍ ଷ୍ଟେଶନ ଭାବେ ବି ଏହାର ରହିଛି ବେଶ୍ ଖ୍ୟାତି। ଅପୂର୍ବ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ଏହି ସ୍ଥାନରେ ପର୍ଯ୍ୟଟକଙ୍କ ମନକୁ ମୋହିଲା ଭଳି ଅନେକ ଦର୍ଶନୀୟ ସ୍ଥାନ ବି ଦେଖିବାକୁ ମିଳିଥାଏ। ପାହାଡ଼, ପର୍ବତ ଘେରା ଏହି ସ୍ଥାନରେ ମୁଖ୍ୟତଃ ଦେବଦାରୁ ଗଛ, ଡେଙ୍ଗା ଡେଙ୍ଗା ଓକ୍ ଗଛର ଜଙ୍ଗଲ ତଥା ବୁରାଂଶ ନାମକ ଏକ ସୁନ୍ଦର ଫୁଲ ଫୁଟୁଥିବା ଗଛ ଇତ୍ୟାଦି ଦେଖାଯାଏ। ତା'ଛଡ଼ା ଏଠାକାର କେଉଁଠି କେଉଁଠି ଘାଟି ଦେଖିବାକୁ ମିଳେ ତ ପୁଣି କେଉଁଠି ମନ୍ଦିର ତଥା ଉପତ୍ୟକାର ଶୋଭା ବେଶ୍ ଆଖି ଦୃଶିଆ ହୋଇଥାଏ। ଖାସ୍ ସେଥିପାଇଁ ପର୍ଯ୍ୟଟନ ଋତୁରେ ଏଠାରେ ବେଶ୍ ଭିଡ଼ ଦେଖିବାକୁ ମିଳେ।





### କେବେ ଓ କେମିତି ଯିବେ

ବର୍ଷର ଯେ କୌଣସି ସମୟରେ ଏଠାକୁ ବୁଲିଯିବାର ସୁବିଧା ଥିଲେ ହେଁ, ସ୍ଥାନୀୟ ପାଣିପାଗ ସୂଚନାକେନ୍ଦ୍ରର ମତାନୁଯାୟୀ, ଧନଉଲ୍‌ଟି ଯିବାପାଇଁ ଖରାଦିନ ଓ ଶୀତଦିନ ହେଉଛି ସବୁଠୁ ବେଷ୍ଟ। କାରଣ ଖରାଦିନେ ଏଠାକାର ତାପମାତ୍ରା ମାତ୍ର ୨୦ରୁ ୨୫ ଡିଗ୍ରୀ ସେଲ୍‌ସିୟସ୍ ଭିତରେ ରହିଥାଏ ; ସେଥିପାଇଁ ବୁଲାବୁଲି କଲେ ଥକ୍କା ଲାଗେ ନାହିଁ। ଅନ୍ୟପକ୍ଷେ ଶୀତଦିନେ ଏଠାରେ ତୁଷାରପାତର ମଜା ନେବାକୁ ବି ପର୍ଯ୍ୟଟକ ଖୁବ୍ ପସନ୍ଦ କରିଥାନ୍ତି। ତେଣୁ ଖରାଦିନେ ଓ ଶୀତଦିନେ ଧନଉଲ୍‌ଟି ଯିବା ସର୍ବୋତ୍ତମ। ସେହିପରି ଏଠାକୁ ଯିବାପାଇଁ ଗମନାଗମନର ବି ଭଲ ବ୍ୟବସ୍ଥା ରହିଛି। ଦିଲ୍ଲୀଠାରୁ ମାତ୍ର ୩୨୫ କି.ମି ଦୂରରେ ରହିଥିବା ଧନଉଲ୍‌ଟିର ନିକଟତମ ବିମାନବନ୍ଦର ହେଉଛି ଜୋଲି ଗ୍ରାଣ୍ଟ ଏୟାରପୋର୍ଟ ଏବଂ ନିକଟତମ ରେଳଷ୍ଟେଶନ ହେଉଛି ଡେରାଡୁନ୍ ରେଲୱେଷ୍ଟେଶନ। ତା'ଛଡ଼ା ଦେଶର ବିଭିନ୍ନ ସ୍ଥାନରୁ ଏଠାକୁ ଟୁରିଷ୍ଟ ବସ୍ ବି ଯା'ଆସ କରିଥାଏ।

### କ'ଣ ଦେଖିବେ

ଧନଉଲ୍‌ଟିରେ ଅମ୍ବର ଓ ଧାରା ନାମରେ ଦୁଇଟି ଇକୋ ପାର୍କ ରହିଛି ; ଯେଉଁଠାରେ ମୁଖ୍ୟତଃ ଦେବଦାରୁ ଗଛର ଛୋଟ ଜଙ୍ଗଲ ଥିବାର ଦେଖିବାକୁ ମିଳେ। ଏଠାରେ ପର୍ଯ୍ୟଟକଙ୍କ ଆମୋଦପ୍ରମୋଦ ପାଇଁ ହର୍ସ ରାଇଡିଂ, ବର୍ମା ରୋପ୍ ବ୍ରିଜ୍‌ରେ ଚାଲିବା ତଥା ଓଲଟା ଭାବେ ଦଉଡ଼ିରେ ଝୁଲି ଝୁଲି ଚାଲିବାର ସୁବିଧା ଆଦି ପ୍ରଦାନ କରାଯାଇଥାଏ। ତା'ଛଡ଼ା ପର୍ଯ୍ୟଟକଙ୍କ ରହଣି ପାଇଁ ଏଠାରେ ଇକୋ ହଟ୍‌ର ମଧ୍ୟ ବ୍ୟବସ୍ଥା ଅଛି। ସୁରକଣ୍ଡା ଦେବୀ ମନ୍ଦିର ହେଉଛି ଏଠାକାର ଏକ ପ୍ରମୁଖ ଆଧ୍ୟାତ୍ମିକ ସ୍ଥଳୀ।

### ଦୁଃସାହସିକ କ୍ରୀଡ଼ା ପାଇଁ ପ୍ରସିଦ୍ଧ

ପାହାଡ଼ ପର୍ବତ ଘେରା ଏହି ଅଞ୍ଚଳରେ ପର୍ଯ୍ୟଟକ ଟ୍ରେକିଂ, କ୍ୱାଡ୍ ବାଇକିଂ, ଜିପ୍ ଲାଇନ୍ ରାଇଡ୍, ସ୍କାଏ ବ୍ରିଜ ୱାକ୍ ଭଳି ଅନେକ ଦୁଃସାହସିକ କ୍ରୀଡ଼ାର ଭରପୂର ମଜା ନେଇପାରିବେ। ତା'ଛଡ଼ା ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ମନଭରି ଉପଭୋଗ କରିବା ସହିତ ସୁନ୍ଦର ସୁନ୍ଦର ଫଟୋ ଉଠାଇ ମଧ୍ୟ ଏହି ବିଶେଷ ମୁହୂର୍ତ୍ତକୁ ନିଜ ପାଖେ ସବୁଦିନ ପାଇଁ ସାଇତି ରଖିପାରିବେ।




# କଟନ୍ କ୍ୟାଣ୍ଡି





ପିଲାମାନଙ୍କର ଏହା ଖୁବ୍ ପ୍ରିୟ। ଯାତ୍ରା, ମେଳା, ବଜାର ଆଦିରେ ମିଳେ। ତା'ର ମିଠା ସ୍ୱାଦ ଓ ଗୋଲାପୀ ରଙ୍ଗ ପିଲାଙ୍କୁ ଆକର୍ଷିତ କରେ। ସେଇଥିପାଇଁ ତ ବର୍ଷ ବର୍ଷ ବିତି ଯାଇଥିଲେ ହେଁ, କମିନି ଏହାର ଚାହିଦା। କିଏ ଏହାକୁ କହେ 'ବମ୍ବେଇ ଲଡ୍ଡୁ' ତ କିଏ କହେ 'କଟନ୍ କ୍ୟାଣ୍ଡି'। କିଏ ପୁଣି କହେ 'କଣ୍ଢେଇ ଚୁଟି'। ଆସନ୍ତୁ ଜାଣିବା ଏହାକୁ କିଏ ଓ କେବେ ତିଆରି କରିଥିଲେ।

**କଟନ କ୍ୟାଣ୍ଡି ତିଆରି ପଛର ମଣିଷ:** ଆମେରିକାର ୱିଲିୟମ୍ ଜେମ୍ସ ମୋରିସନ୍ ନାମକ ଜଣେ ଦାନ୍ତ ଚିକିତ୍ସକ ବିଭିନ୍ନ ପ୍ରକାରର ନୂଆ ଓ ଅଜବ ଜିନିଷ ଉଦ୍ଭାବନ ପାଇଁ ପ୍ରସିଦ୍ଧ ଥିଲେ। ୧୮୯୭ର କଥା– ଜେମ୍ସ ମୋରିସନ୍, ଜନ୍ ସି ହ୍ୱାର୍ଟନ୍ ନାମକ ଜଣେ ମିଷ୍ଟାନ୍ନ ପ୍ରସ୍ତୁତକାରୀଙ୍କ ସହ ମିଶି ଏକ ନୂଆ ମେସିନ୍ ତିଆରି କଲେ, ଯାହା ଗରମ ଚିନିକୁ ବୁଲାଇ ବୁଲାଇ କଟନ୍ କ୍ୟାଣ୍ଡି ପ୍ରସ୍ତୁତ କଲା। ସେ ସମୟର ଏହା ଥିଲା ଏକ ବିସ୍ମୟକର ଉଦ୍ଭାବନ। ଉକ୍ତ ମେସିନ୍‌କୁ ତିଆରି କରିବାର ୭ ବର୍ଷ ପରେ ୧୯୦୪ ମସିହାରେ ସେଣ୍ଟ ଲୁଇସ୍ ୱାର୍ଲଡ ଫେୟାର୍‌ରେ, ଜେମ୍ସ ମୋରିସନ୍ ନିଜର ଏହି ଉଦ୍ଭାବନକୁ ପ୍ରଥମ ଥର ପାଇଁ ପ୍ରଦର୍ଶିତ କରିଥିଲେ। ଲୋକେ ଏହାକୁ ଦେଖିବାପରେ ବହୁତ ପସନ୍ଦ କରିଥିଲେ। ଆମେରିକାରେ ଏହା 'ଫେୟାରୀ ଫ୍ଲସ୍' ନାମରେ ପରିଚିତ ହେଲା। ସେଦିନର ସେହି ମେଳାରେ ୬୮୦୦୦ରୁ ଊର୍ଦ୍ଧ୍ୱ ମେସିନ୍ ବିକ୍ରି ହେଇଥିଲା। ସେହି ମେସିନ୍‌ରେ ପ୍ରସ୍ତୁତ କଟନ୍ କ୍ୟାଣ୍ଡି ଧଳାରଙ୍ଗର ହେବାବେଳେ ସ୍ୱାଦ ସେତେ ଖାସ୍ ନ ଥିଲା। ତେବେ ବି ତାହା



ଲୋକଙ୍କୁ ଆକର୍ଷିତ କରିବାରେ ସଫଳ ହୋଇଥିଲା।

**କଟନ୍ କ୍ୟାଣ୍ଡି ନାଁ ପଛର କଥା:** ୧୯୨୧ରେ ଲୁଇଜିଆନାର ଯୋଶେଫ୍ ଲସ୍କାକ୍ସ ନାମକ ଅନ୍ୟ ଜଣେ ଦନ୍ତ ଚିକିତ୍ସକ ଆଉ ଏକ କଟନ୍ କ୍ୟାଣ୍ଡି ମେସିନ୍ ତିଆରି କରିଥିବା ଦାବି କରିଥିଲେ। କୁହାଯାଏ ଯୋଶେଫ୍ ଲସ୍କାକ୍ସ ହିଁ ତୁଳା ପରି ଦେଖାଯାଉଥିବା ଏହି ମିଠା ଖାଦ୍ୟର ନାଁ 'କଟନ କ୍ୟାଣ୍ଡି' ରଖିଥିଲେ।

ପିଲାମାନଙ୍କର ଏହା ଖୁବ୍ ପ୍ରିୟ । ଯାତ୍ରା, ମେଳା,ବଜାର ଆଦିରେ ମିଳେ। ତା'ର ମିଠା ସ୍ୱାଦ ଓ ଗୋଲାପୀ ରଙ୍ଗ ପିଲାଙ୍କୁ ଆକର୍ଷିତ କରେ। ସେଇଥିପାଇଁ ତ ବର୍ଷ ବର୍ଷ ବିତି ଯାଇଥିଲେ ହେଁ, କମିନି ଏହାର ଚାହିଦା। କିଏ ଏହାକୁ କହେ 'ବମ୍ବେଇ ଲଡ୍ଡୁ' ତ କିଏ କହେ 'କଟନ୍ କ୍ୟାଣ୍ଡି'। କିଏ ପୁଣି କହେ 'କଣ୍ଢେଇ ଚୁଟି'...

ସମୟ ବଦଳିବା ସହିତ କଟନ୍ କ୍ୟାଣ୍ଡି ମେସିନ୍‌ରେ ଅନେକ ପରିବର୍ତ୍ତନ ଆସିଲା। ୧୯୭୦ ମସିହାରେ ଆଉ ଏକ କଟନ୍ କ୍ୟାଣ୍ଡି ମେସିନ୍ ବି ତିଆରି ହୋଇଥିଲା, ଯାହାକି ପୁରାପୁରି ଅଟୋମେଟିକ୍ ଥିଲା। ଏହାକୁ ଚଳେଇବା ପାଇଁ ମଣିଷର ଆବଶ୍ୟକତା ନ ଥିଲା। ଚିନିରେ ତିଆରି ହେଉଥିବାରୁ ଏହାର ପ୍ରକୃତ ରଙ୍ଗ ଧଳା। କିନ୍ତୁ ଖାଇବା ରଙ୍ଗ ମିଶାଯିବା ପରେ ତାହା ଗୋଲାପୀ ରଙ୍ଗରେ ପରିଣତ ହୋଇଥାଏ। କିଛି ସ୍ଥାନରେ ଏହା ନୀଳ ଓ ବାଇଗଣୀ ରଙ୍ଗରେ ବି ଉପଲବ୍ଧ ହୁଏ। ଏମିତିରେ ତ କଟନ୍ କ୍ୟାଣ୍ଡିର ସ୍ୱାଦ ମିଠା। ତେବେ ଆଜିକାଲି ଏଥିରେ ଫ୍ଲେଭର୍ ମିଶାଯାଇ ଏହାର ସ୍ୱାଦ ବଦଳାଯାଉଛି। ଆଉ ଆଜି ବି ଏହା ଏତେ ଲୋକପ୍ରିୟ ଯେ, ଆମେରିକାରେ ପ୍ରତିବର୍ଷ ୭ ଡିସେମ୍ବରରେ 'ନ୍ୟାଶନାଲ କଟନ୍ କ୍ୟାଣ୍ଡି ଡେ' ପାଳିତ ହେଉଛି।

# ବସ୍ ପାଲଟିଲା ଘର



ଡେନ ଓ ଡିନା ନାମକ ଦମ୍ପତି ସହରର ବ୍ୟସ୍ତବହୁଳ ଜୀବନ ବିତାଇବାକୁ ଆଉ ଚାହୁଁ ନ ଥିଲେ। ଅଫିସ୍‌ରୁ ଘର। ଘରୁ ପୁଣି ଅଫିସ୍। ମାତ୍ର ୨–୩ ଘଣ୍ଟା ସମୟ ପିଲାଙ୍କ ସହ ଏକାଠି ବିତାଇବାକୁ ମିଳୁଥିଲା। ତେଣୁ ନିଷ୍ପତ୍ତି ନେଲେ ପିଲାଙ୍କୁ ପୁରା ସମୟ ଦେବା ସହ ଖୁବ୍ ବୁଲିବେ। ଏହି ଯୋଜନାକୁ ପୂରଣ କରିବା ଲାଗି ସେମାନେ ଏକ ଡବଲ ଡେକର୍ ବସ୍‌ର ସାହାଯ୍ୟ ନେଲେ। ଯାହାର ଲମ୍ବ ୪୫ ଫୁଟ ଓ ଉଚ୍ଚତା ୧୩ ଫୁଟ ଥିଲା। ଏହି ବସ୍‌କୁ ସେମାନେ ରିନୋଭେଟ୍ କରି ଏକ ଦୁଇ ମହଲାର ସୁନ୍ଦର ଘରରେ ପରିଣତ କରିଦେଲେ। ଯାହା ଭିତରେ ସେ ଦୁହେଁ ଓ ତାଙ୍କର ୬ ସନ୍ତାନ ବେଶ୍ ଆରାମ୍‌ରେ ରହିପାରିଲେ। ତା'ସହ ସେମାନେ ବିଭିନ୍ନ ସ୍ଥାନ ବୁଲିପାରିଲେ। ଏହାର କକ୍‌ପିଟ୍ ଏରିଆ ଅଧିକ ବଡ଼ ହୋଇଥିବାରୁ ସେମାନେ ଏହାକୁ ନିଜର ଅଫିସ୍‌ରେ ପରିଣତ କରିଛନ୍ତି, ଯେଉଁଠି ସେମାନେ କମ୍ପ୍ୟୁଟର ଓ ଜରୁରୀ କାଗଜପତ୍ର ରଖିଛନ୍ତି। ଏହା ନିକଟରେ ଅଛି କିଚେନ୍, ଯାହାକି ଖୁବ୍ ଆଧୁନିକ। ଏଥିରେ ଏକ ଡାଇନିଂ ଏରିଆ ମଧ୍ୟ ଅଛି। ଏହା ମଧ୍ୟରେ ଦୁଇଟି ବାଥ୍‌ରୁମ୍ ସହ ଏକ ମାଷ୍ଟର ବେଡରୁମ୍ ଅଛି, ଯେଉଁଠି ପଡିଥିବା ବେଡ୍‌କୁ ଆବଶ୍ୟକତାବେଳେ ଫୋଲ୍ଡ କରିହୁଏ। ଉପର ମହଲାରେ ପିଲାଙ୍କ ବେଡ୍‌ରୁମ ଅଛି। ଯାହାକୁ ସେମାନଙ୍କ ଆବଶ୍ୟକତା ମୁତାବକ ସଜାଯାଇଛି। ବସ୍‌ଟିରେ ୪ଟି ୩୫୫ ୱାଟ୍‌ର ସୋଲାର୍ ପ୍ୟାନେଲ୍ ଲାଗିଛି। ଫଳରେ ଏହି ବସ୍ ଘରେ ସେମାନେ ବେଶ୍ ଭଲ ସମୟ ବିତାଇପାରୁଛନ୍ତି।



କଥା ଚାଟ୍

ଓଁ ଅଭିଜ୍ଞାନ ସାହୁ

# କୌଣସି ଈର୍ଷାର ନେପଥ୍ୟ

ସେଦିନ ସନ୍ଧ୍ୟାରେ ଏକ ପ୍ରତିଷ୍ଠିତ ପତ୍ରିକାର ସମ୍ପାଦକ ଫୋନ୍ କରି ପଚାରିଲେ 'ଆପଣ ଅଭିଜ୍ଞାନ ବାବୁ କହୁଛନ୍ତି ତ ?'
ମୁଁ ଉତ୍ତର ଦେଲି 'ଆଜ୍ଞା ହଁ । ଆପଣ କିଏ କହୁଛନ୍ତି ?'
ସେପଟୁ ଭଦ୍ରବ୍ୟକ୍ତି ଜଣଙ୍କ ଉତ୍ତର ଦେଲେ 'ମୁଁ କୌମୁଦୀ ପତ୍ରିକାର ସମ୍ପାଦକ ଅନାମ ମହାନ୍ତି କହୁଥିଲି ।'
-ଆଜ୍ଞା ନମସ୍କାର । ଖୁସି ହେଲି ଆଜ୍ଞା ଆପଣ ମୋତେ ଫୋନ କରିଛନ୍ତି ।
-ଆମ ପତ୍ରିକା ଆପଣ ପଢ଼ନ୍ତି ତ ? ସମ୍ପାଦକ ମହୋଦୟ ସେପଟୁ ପଚାରିଲେ ।
-ଆଜ୍ଞା ଅଳ୍ପ କିଛି ସଂଖ୍ୟା ପଢ଼ିଛି । ବଢ଼ିଆ ଗେଟ ଅପ୍ ଆପଣଙ୍କ ପତ୍ରିକାର । ଆପଣଙ୍କ ପତ୍ରିକା ତ ସମ୍ଭ୍ରାନ୍ତ' ଶ୍ରେଣୀୟ । ସେପଟୁ ଭଦ୍ରଲୋକ ଚୁପ୍ ଥିଲେ । ଭଦ୍ରଲୋକ ତ ନିହାତି ହୋଇଥିବେ ନ ହେଲେ ସାହିତ୍ୟରେ ଥାଇ, ଗୁଡ଼ାଏ ଲେଖା ଓ ଲେଖକଙ୍କ ସହ ରହି ରହି ଏମିତି କିଏ ଚୁପ୍ ରହନ୍ତା ଭଲା ! ଏପଟୁ ନିଜ ମୁଣ୍ଡକୁ ଟିକେ କୁଣ୍ଡେଇ କୁଣ୍ଡେଇ କହିଲି , ଆପଣଙ୍କ ବିଷୁବ ସଂଖ୍ୟା ପାଇଁ ଲେଖାଟିଏ ଦେଇଥିଲି । ବାହାରିନାହିଁ ।
- ଏମତିକି ? ଭଦ୍ରଲୋକ ପାଟି ଖୋଲିଲେ । ଦେଖନ୍ତୁ ଆମ ପାଖକୁ ଏତେ ସଂଖ୍ୟାରେ ଲେଖା ଆସି ପହଞ୍ଚୁଛି ଯେ ସବୁ ଲେଖାକୁ ଛାପିବା ସମ୍ଭବ ନୁହେଁ ।
--ହଁ ତାହା ତ ଅବଶ୍ୟକ ।
-- କିନ୍ତୁ ଆପଣଙ୍କ ଲେଖା ଛାପିବାରେ କିଛି ଅସୁବିଧା ନ ଥିଲା କେମିତି ରହିଗଲା କେଜାଣି ଦେଖିପାରିନି । ମୁଁ ଆପଣଙ୍କ ଅଳ୍ପ କିଛି ଲେଖା ପଢ଼ିଛି । ବହୁତ ଭଲ ଲେଖୁଛନ୍ତି । ଆପଣ ସେ ଯେଉଁ ରିକ୍ସାବାଲା ଉପରେ ରମ୍ୟରଚନାଟି ଲେଖିଥିଲେ ମୁଁ ହସି ହସି ବେଦମ ।
-- ଆପଣ ବୋଧେ ଆଉ କାହା ଲେଖା କଥା କହୁଛନ୍ତି ମୋର କୌଣସି ଲେଖାରେ ରିକ୍ସାର ନକ୍ସା ନାହିଁ । ରିକ୍ସାବାଲା ଚରିତ୍ର କେଉଁଠୁ ଆସିବେ !
--ଓହୋ, ତା'ହେଲେ ହେଇଥିବ । ଏତେ ଲେଖା ପଢୁଛି ଯେ କେଉଁ ଲେଖା କେଉଁ ଲେଖକର ମନେ ରହୁନି । କିନ୍ତୁ ମୁଁ ପଢ଼େ ଆପଣଙ୍କ ଲେଖା । ଆପଣଙ୍କ ଏହି ଲାଟେଷ୍ଟ ଲେଖାଟା, ଚମତ୍କାର ହୋଇଛି । ମୁଁ ତାଙ୍କ କଥାରୁ ସ୍ପଷ୍ଟ ଜାଣିପାରୁଥିଲି ଏ ଭଦ୍ରବ୍ୟକ୍ତି ସୁଉଦୁ ଗୁଲି ମାରୁଛନ୍ତି ।
ତଥାପି ସମ୍ପାଦକ ଯେତେବେଳେ ନିଜ ମନ କଥା ମନରେ ରଖି କହିଲି ଆପଣଙ୍କ ଭଳି ଲୋକ ମୋର ଲେଖା ପଢି ପସନ୍ଦ କରୁଛନ୍ତି ସେଇଟା ମୋର ଭାଗ୍ୟ ।
-- ଅଭିଜ୍ଞାନବାବୁ ଆପଣଙ୍କ ପାଖରୁ ଗୋଟେ ସାହାଯ୍ୟ ଦରକାର ଥିଲା ।
-- କୁହନ୍ତୁ ସାର୍ । କ'ଣ ସାହାଯ୍ୟ କରିପାରିବି ?
-- ଗୋଟେ ଲେଖା ଦରକାର ଥିଲା ।
ତାଙ୍କ କଥା ଶୁଣି ମୁଁ କୁରୁଳି ଗଲି । ପ୍ରତିଷ୍ଠିତ ପତ୍ରିକାର ସମ୍ପାଦକ ମୋତେ ପୁଣି ଫୋନ କରି ଲେଖା ମାଗୁଛନ୍ତି !
ତଥାପି ନିଜକୁ ସମ୍ଭାଳି ଉତ୍ତର ଦେଲି । ସାର୍ ଆପଣ ମୋତେ ଲେଖା ମାଗୁଛନ୍ତି ସେଥିପାଇଁ ଧନ୍ୟବାଦ । କିନ୍ତୁ ଏବେ କିଛି ବ୍ୟକ୍ତିଗତ କାମରେ ଖୁବ୍‌ବ୍ୟସ୍ତ ରହୁଛି, ବେଶି କିଛି ଲେଖିପାରୁନି । ଅନେକ ପତ୍ରିକାକୁ କଥା ଦେଇ କଥା ରଖିପାରୁନି । ଭଲ ଲେଖାକୁ ନେଇ ପତ୍ରିକା ବୋଲି ଆମେ କ'ଣ ବୁଝୁନା କିନ୍ତୁ ଆମେ ନାଚାର ନିଜ ପେଟପାଟଣାର କଥାକୁ ନେଇ । କଥା ଆଉ ଲମ୍ବିଥାନ୍ତା ବୋଧେ ଭଦ୍ରଲୋକ ନାକ ପୂରେଇଲେ, ହଁ ହଁ ମ୍ୟାଡାମ ବି ସେଇ କଥା କହୁଥିଲେ ଆପଣ ଏବେ ବହୁତ ବ୍ୟସ୍ତ ରହୁଛନ୍ତି । ଘରେ ପିଲାଙ୍କ କାମ ପାଇଁ ବି ସମୟ ଦେଇ ପାରୁନାହାନ୍ତି । ତଥାପି ଆପଣ ଯଦି ସମୟ ବାହାରକରି ଟିକେ ସାହାଯ୍ୟ କରିପାରନ୍ତେ ତେବେ ଆସନ୍ତା ଶାରଦୀୟ ପୂଜା ସଂଖ୍ୟାରେ ଛପା ଯାଇପାରନ୍ତା ।
-- ଠିକ୍ ଅଛି ମୁଁ ଚେଷ୍ଟା କରିବି । ଗୋଟେ ବଢ଼ିଆ ରମ୍ୟରଚନା ଆଇଡିଆ ମୁଣ୍ଡକୁ କିଛି ଦିନ ହେଲା ଢୁକିଛି । ଭାବିଛି ସେଇଟାକୁ ଲେଖି ଆପଣଙ୍କ ପତ୍ରିକା ପାଇଁ ପଠେଇଦେବି ।



--- ନା ନା ଆପଣ ବୋଧେ ମୋତେ ପୂରା ଶୁଣିନାହାନ୍ତି । ମୁଁ କ'ଣ କହୁଥିଲି କି... ମୁଁ ତାଙ୍କୁ ମଝିରୁ ଅଟକେଇ କହିଲି ବ୍ୟସ୍ତ ହୁଅନ୍ତୁ ନାହିଁ କୌଣସି ସରକାରଙ୍କୁ କି ବ୍ୟକ୍ତିବିଶେଷଙ୍କୁ ବ୍ୟଙ୍ଗ କରି ଆପଣଙ୍କୁ ଅପ୍ରସ୍ତୁତ କରିବିନି । ଆପଣଙ୍କ ମନକୁ ପାଇଲା ଭଳି ଭଲ ଲେଖାଟିଏ ଦେବି ।
---ଆରେ ନା.. ନା.. ମୁଁ ଆପଣଙ୍କ ଲେଖା ପାଇଁ ଫୋନ କରିନି ଅଭିଜ୍ଞାନ ବାବୁ । ମୋର ଫୋନ୍ କରିବାର ଉଦ୍ଦେଶ୍ୟ ଅଲଗା ଥିଲା ।
-ମୁଁ ଚାହୁଁଛି ଆସନ୍ତା ପୂଜା ସଂଖ୍ୟା ପାଇଁ ଆପଣଙ୍କ ମିସେସ୍‌ଙ୍କ ସାକ୍ଷାତକାର ସହ ଚିତ୍ର ସମ୍ବନ୍ଧୀୟ ଏକ ଛୋଟ ଲେଖା । ମ୍ୟାଡାମଙ୍କୁ ଫୋନ କରିଥିଲି । ସେ କହିଲେ ସେ ଲେଖାଲେଖିରେ ଏତେ ଅଭ୍ୟସ୍ତ ନୁହନ୍ତି କି ଓଡ଼ିଆରେ ଟାଇପ୍ କରିବା ତାଙ୍କ ପକ୍ଷେ ସମ୍ଭବ ନୁହେଁ । ତେଣୁ ଆପଣ ଯଦି ତାଙ୍କୁ ଟିକେ ସାହାଯ୍ୟ କରନ୍ତେ ତେବେ କାମଟି ସୁରୁଖୁରୁରେ ହେଇଯାଆନ୍ତା । ତାଙ୍କ କଥା ଶୁଣି ମୋ ମୁଣ୍ଡ ଟିଣ । ମୋ ସବୁ କୁହୁଳିବାର ନିଆଁ ଉପରେ ବାଲ୍ଟିଏ ଫ୍ରିଜ୍ ପାଣି ଢାଳି ଦେଲେ । ମୁଁ ଭାବୁଥିଲି କ'ଣ, ସେ କହୁଛନ୍ତି କ'ଣ ! ହତାଶାର ଝଡ଼କୁ ନିଜ ଭିତରେ ସମ୍ଭାଳି ସମ୍ପାଦକଙ୍କୁ କହିଲି, ଆଜ୍ଞା ମୁଁ ନିଶ୍ଚେ ତାଙ୍କୁ ଲେଖାରେ ସାହାଯ୍ୟ କରିବି । ଏଇଟା ତ ମୋ ପାଇଁ ଅତ୍ୟନ୍ତ ଖୁସିର କଥା । ଆପଣ ପ୍ରଶ୍ନ ସବୁ ପଠାନ୍ତୁ । ଏବେ ରହୁଛି । ପରେ ଦରକାର ହେଲେ ଫୋନ୍ କରି ପଚାରି ବୁଝିବି ।
ଫୋନ କାଟିଲା ପରେ ମୋ ପ୍ରଫୁଲ୍ଲବାଦିନୀ ପତ୍ନୀ ପଚାରିଲେ,
- କ'ଣ ଅନାମ ବାବୁଙ୍କ ଫୋନ ଥିଲା କି ? ମୋତେ ଫୋନ କରିଥିଲେ । ଆମେ ଚିତ୍ର କରିବା ଲୋକ ନିଜ ଚିତ୍ରରେ କଥା କହୁ । ଲେଖାଲେଖି ସିନା ତୁମ କାମ । ମୋତେ ଲେଖିଆସେନି ବୋଲି ସଫା କହିଦେଇଥିଲି । ଯାହା କହିବି ତୁମେ ଟିକେ ତାକୁ ଭଲକି ବାଗେଇ ଲେଖି ଦେବ । ଲେଖିଦେବ ଟି ?
--'ଆଚ୍ଛା ସେ ତୁମର କେମିତି ଚିହ୍ନା ହେଲେ ? ତୁମ ନମ୍ବର କେମିତି ପାଇଲେ ।' ମୁଁ ଗର୍ଜି ହୋଇ କହିଲି ।
-- 'କାହିଁକି ? କ'ଣ ଈର୍ଷା ହେଉଛି କି ? ପତ୍ନୀ ମୁରୁକି ହସି ଉତ୍ତର ଦେଲେ ।' -- 'ମୁଁ କହିଲି ଈର୍ଷା ନୁହେଁ । ଲେଡିଜ୍ କୋଟା ବୋଲି ଗୋଟେ ଜିନିଷ ଅଛି ତୁମେ ଜାଣିଛ କି ନାହିଁ ବୋଲି ପଚାରୁଥିଲି ।'
-- 'ମୋର ସେ ଫେସବୁକ୍ ଫ୍ରେଣ୍ଡ୍ ଅଛନ୍ତି । ତାଙ୍କ ଭଳି ଆହୁରି ପାଞ୍ଚ ଛଅ ଜଣ ସମ୍ପାଦକ ମୋର ଫ୍ରେଣ୍ଡ୍ ଅଛନ୍ତି । ସବୁ ସମ୍ପାଦକଙ୍କ ଯାବତୀୟ ପୋଷ୍ଟରେ ଚମତ୍କାର ଓ ଶିକ୍ଷଣୀୟ କମେଣ୍ଟ ଦିଏ । ମୁଁ ସମସ୍ତଙ୍କ ଲେଖା ପଢ଼େ କି ନ ପଢ଼େ ବୟସ୍କମାନଙ୍କୁ ପ୍ରଣାମ ଓ କନିଷ୍ଠମାନଙ୍କୁ ବହୁତ ବହୁତ ସ୍ନେହ ଲେଖେ । ଦେଖୁନା ତୁମର ପାଞ୍ଚ ହଜାରେ ସାଙ୍ଗଙ୍କୁ ମୋର ପାଞ୍ଚ ଶହ । କିନ୍ତୁ କମେଣ୍ଟ ମୋର ବେଶି ଆସୁଛି । ତୁମର ଯଦି କେଉଁଠି ଲେଖା ପ୍ରକାଶିତ କରିବାକୁ ଚାହିଁବ ତେବେ ମୋତେ କହିବ ।' ଏକା ନିଃଶ୍ୱାସରେ ଏତକ କହିଲା ବେଳେ ପତ୍ନୀଙ୍କ ମୁଖରେ ଚମକ ଖେଳିଯାଉଥିଲା । ତାଙ୍କ କଥା ଶୁଣି ମୁଁ କହିଲି, ଯାହାହେଉ ତୁମର ଏତେ ଖ୍ୟାତି ବିଷୟରେ ଜାଣି ଖୁସି ହେଲି । ଭଲ କାମ ଯଦି କରୁଛ ଆଉ ଗୋଟେ କାମ କର ଦେଖିବ କେତେ ଲୋକ ତୁମକୁ ଆଶୀର୍ବାଦ କରିବେ ।
-- କେଉଁ କାମ ? ପତ୍ନୀ ବଡ଼ ଆଗ୍ରହରେ ପଚାରିଲେ ।
-- ଏବେ ଫେସବୁକ୍‌ରେ ଦେଖୁଛି ଅନେକ ଲୋକ ଅଭିମାନରେ ଲେଖୁଛନ୍ତି ତାଙ୍କ ପୋଷ୍ଟରେ କେହି କମେଣ୍ଟ ଦେଉନାହାନ୍ତି କି କୌଣସି ପତ୍ରିକାକୁ ଲେଖା ପଠେଇଲେ କେହି ଲେଖା ପ୍ରକାଶ କରୁନାହାନ୍ତି । ସେହି କାରଣରୁ ଫେସ୍‌ବୁକରୁ ସନ୍ନ୍ୟାସ ନେବା ପାଇଁ ଚାହୁଁଛନ୍ତି । ତୁମେ ଯଦି ଏହିଭଳି କିଛି ସନ୍ନ୍ୟାସୀମାନଙ୍କ ପୋଷ୍ଟରେ କମେଣ୍ଟ ଦିଅନ୍ତ କିମ୍ବା ତାଙ୍କ ଲେଖାକୁ କେଉଁଠି ଏଭଳି ଦରଦୀ ସମ୍ପାଦକଙ୍କୁ କହି ବୁଲେଇ ପ୍ରକାଶ କରେଇପାରନ୍ତ ତେବେ ବହୁତ ଆଶୀର୍ବାଦ ମିଳନ୍ତା ।

ପ୍ରକାଶିତ ହେବାକୁ କଅଁଳ ଇଚ୍ଛା କରୁଥିବା ମୋ ଭଳି ଦୁଃସ୍ଥ ଲେଖକଟି ଏମିତି ହଟହଟା ହୁଏ । କିଏ ବହି ବସ୍‌ରେ ପଠେଇ ବାଦାମବାଡିରୁ ନେଇ କାହାକୁ ଦେଇଦେବାକୁ ଅନୁରୋଧ ରୂପକ ଆଦେଶ ଦେଲାଣି ତ କିଏ ବଡ଼ ମେଡିକାଲକୁ ସମ୍ପର୍କୀୟ ପଠେଇ ଆଟେଣ୍ଡାଣ୍ଟ ହେବାକୁ କହିଲାଣି । କିଏ କଟକୀ ଦହିବରା ଖାଇବାକୁ ମନ ବଳାଇଲାଣି ତ କିଏ କଟକ ଚଣ୍ଡୀଙ୍କୁ ଚୁଡ଼ି ସିନ୍ଦୂର ଲାଗି କରି ପଠେଇବାକୁ କହିଲାଣି । ମର୍ଦ୍ଦକୁ ଦର୍ଦ୍ଦ ହୁଏନି କିନ୍ତୁ ଏଭଳି କାରନାମାରେ ମୋର ଅଷ୍ଟାଙ୍ଗ ଶରୀର ଘୋଳାବିନ୍ଧା ହେଉଛି ।


-ବନମାଳୀ ଭବନ, ଖାନ୍‌ନଗର, କଟକ
ମୋ: ୯୪୩୭୦୧୦୭୫୮

## ପୁସ୍ତକ ସମୀକ୍ଷା

### ଅଭୁଲା ଦିନ ଆଜିର ଜୀବନ

**ଅମରେଶ ବିଶ୍ୱାଳ**
**ପ୍ରକାଶକ-ଧାରା ଶ୍ରୀରାଧା ଟ୍ରଷ୍ଟ**
**ମାରୁତି ବିହାର, ଭୁବନେଶ୍ୱର, ମୂଲ୍ୟ-୨୦୦ଟଙ୍କା**

ଅଭୁଲା ଦିନ ଆଜିର ଜୀବନ ପୁସ୍ତକରେ ୧୧ଟି ବିଷୟରେ ପ୍ରାଞ୍ଜଳ ଭାବେ ଲେଖକ ଅମରେଶ ବିଶ୍ୱାଳ ଆଲୋଚନା କରିଛନ୍ତି । ଯାହାକୁ ସେ ଭ୍ରମଣ କାହାଣୀ ବୋଲି କହିଛନ୍ତି । ଓଁ ମା' ଭଦ୍ରକାଳୀ ବିଷୟରୁ ଆରମ୍ଭ କରି ଲୋହିତ ସହରର କାହାଣୀରେ ଶେଷ କରିଛନ୍ତି । ଦ୍ୱିତୀୟ ପରିଚ୍ଛଦରେ ଶିଶୁପାଳ ଗଡ ସମ୍ପର୍କରେ ବର୍ଣ୍ଣନା କରାଯାଇଛି । ତୃତୀୟ ବିଷୟଟି ହେଉଛି ଭାରତର ତନ୍ତ୍ରପୀଠ ଚୌଷଠୀ ଯୋଗନୀ । ଏହି ବିଷୟଟିରେ ସାରା ଭାରତରେ ୧୧ଟି ତନ୍ତ୍ରପୀଠ ଦେଖିବାକୁ ମିଳେ । ସେଥିରୁ ଓଡ଼ିଶାରେ ୨ଟି ଯଥା ହିରାପୁରର ଚୌଷଠୀ ଯୋଗିନୀ ଓ ରାଣୀପୁର ଝରିଆଲ ଚୌଷଠୀ ଯୋଗିନୀ ପୀଠ, ବଲାଙ୍ଗୀର । ସେହିପରି ମଧ୍ୟ ପ୍ରଦେଶ, ଉତ୍ତର ପ୍ରଦେଶ ଓ ତାମିଲନାଡୁରେ ଯୋଗିନୀ ପୀଠ ଦେଖିବାକୁ ମିଳିଥାଏ ବୋଲି ଲେଖକ ଉଲ୍ଲେଖ କରିଛନ୍ତି ।




### ରେଣୁ

**ଦେବାଶିଷ ଚକ୍ରବର୍ତ୍ତୀ, ପ୍ରକାଶକ-କାବ୍ୟଲୋକ**
**ଗ୍ୟାରେଜଛକ, ଭୁବନେଶ୍ୱର-୨, ମୂଲ୍ୟ-୧୫୦ଟଙ୍କା**

ଦେବାଶିଷ ଚକ୍ରବର୍ତ୍ତୀଙ୍କ ଏକପଦୀ କବିତା ସଂକଳନ ରେଣୁ । ଏଥିରେ ଅନେକ ଏକପଦୀ କବିତା ରହିଛି । ଯାହା ଜୀବନ, ସାହିତ୍ୟ, ସଂସ୍କୃତି ଓ ମାଟି ମା' ଏବଂ ମେହେନତି ମଣିଷର କଥା ଏବଂ ଆହୁରି ଛୋଟ ବଡ କଥାକୁ ନେଇ ରଚନା କରାଯାଇଛି । ଏକପଦୀ ରଚନା ଏକ କାବ୍ୟକଳା । ଅଳ୍ପରେ ବହୁତ କିଛି କୁହାଯିବାର ଏହା ଏକ ମାଧ୍ୟମ । ଏହାର କଳେବର ଛୋଟ ହେଲେ ମଧ୍ୟ ଏହା ସ୍ୱୟଂସମ୍ପୂର୍ଣ୍ଣ କବିତା । କେତେକ ମିନି କବିତାକୁ ଏକପଦୀ କହିଥାନ୍ତି । ମାତ୍ର ଭାବ ସାନ୍ଦ୍ରତା ସହିତ ଛନ୍ଦୋବଦ୍ଧତା ମଧ୍ୟ ଏହାର ପ୍ରମୁଖ ବିଭବ । ପୁସ୍ତକରେ ଯେଉଁ ସବୁ ଏକପଦୀ ରହିଛି ତାହା ସୁଖପାଠ୍ୟ । ପୁସ୍ତକଟି ନିଶ୍ଚୟ ପାଠିକା ପାଠକଙ୍କ ମନକୁ ଛୁଇଁବ ଏଥିରେ ସନ୍ଦେହ ନାହିଁ ।




### ଆଧୁନିକ ଓଡ଼ିଆ କବିତା

**ଡକ୍ଟର ଦିଲୀପ କୁମାର ସ୍ୱାଇଁ , ପ୍ରକାଶକ-ଏଥେନା ବୁକ୍ସ**
**ଭୁବନେଶ୍ୱର-୨, ମୂଲ୍ୟ-୫୦୦ଟଙ୍କା**

ଏହା ଡକ୍ଟର ଦିଲୀପ କୁମାର ସ୍ୱାଇଁଙ୍କ ଗବେଷଣା ପୁସ୍ତକ । ଆଧୁନିକ ଓଡିଆ କବିତାରେ ଚେତନାର ଉତ୍ତରଣ ସମ୍ପର୍କରେ ଗବେଷଣା କରି ସ୍ୱାଇଁ ଏ ପୁସ୍ତକଟି ରଚନା କରିଛନ୍ତି । ପ୍ରଥମ ପରିଚ୍ଛଦରେ ଆଧୁନିକ ଓଡ଼ିଆ କବିତାରେ ଉନ୍ମେଷ ଓ ବିକାଶ ପର୍ବ, ଦ୍ୱତୀୟ ପରିଚ୍ଛେଦ ପ୍ରୟୋଗବାଦୀ ଓଡ଼ିଆ କବିତା, ତୃତୀୟ ପରିଚ୍ଛେଦ ଉତ୍ତର ଆଧୁନିକ ଓଡ଼ିଆ କବିତା, ଚତୁର୍ଥ ପରିଚ୍ଛେଦ ପ୍ରୟୋଗବାଦରୁ ଉତ୍ତର ଆଧୁନିକ ଚଉଠ ଶତକର ଓଡ଼ଆ କବିତା, (କ)ଆତ୍ମିକ ବିଭବ, (ଖ) ଆଙ୍ଗିକ ବିଭବ, (ଗ)ଚଉଠ ଶତକ ଓଡ଼ିଆ କବିତାର ଅବିକଳ୍ପ ଆକର୍ଷଣ: ଚରିତ୍ର ନିର୍ମାଣ ଓ ଶେଷ ବା ପଞ୍ଚମ ପରିଚ୍ଛେଦ ଆଧୁନିକ ଓଡ଼ିଆ କବିତା: ମହାନିଷ୍କର୍ଷ ବିଷୟରେ ଗବେଷକ ସ୍ୱାଇଁ ସୁନ୍ଦର ଭାବେ ବର୍ଣ୍ଣନା କରିଛନ୍ତି ।



ବ୍ୟାକ୍ ପେଜ୍

# ହଜ୍‌ବ୍ୟାଣ୍ଡ ଡେ' କେୟାର ସେଣ୍ଟର

ମା' ବାପା ଉଭୟେ କର୍ମଜୀବୀ ହୋଇଥିଲେ ପିଲାଙ୍କୁ ସେମାନେ କିଛି ଘଣ୍ଟା ପାଇଁ ଡେ' କେୟାର ସେଣ୍ଟରରେ ଛାଡିଥାନ୍ତି। ଯେଉଁଠି ପିଲାଙ୍କୁ ଖୁଆଇ, ପିଆଇ, ଖେଳାଇ ବେଶ୍ ଆରାମରେ ରଖାଯାଏ। ଆଉ କର୍ମଜୀବୀ ମା'ବାପା ନିଜ କାମ କରିପାରନ୍ତି। ସେମାନଙ୍କ ପାଇଁ ଚାଇଲ୍ଡ ଡେ' କେୟାର ସେଣ୍ଟର ବରଦାନ ସ୍ୱରୂପ। ହେଲେ ଜାଣନ୍ତି କି ଖାଲି ଚାଇଲ୍ଡ ଡେ' କେୟାର ସେଣ୍ଟର ନୁହେଁ ଆଉ ଏକ ପ୍ରକାରର ଡେ' କେୟାର ସେଣ୍ଟରର ବ୍ୟବସ୍ଥା ବି ଅଛି। ସେ ହେଉଛି ହଜ୍‌ବ୍ୟାଣ୍ଡ ଡେ' କେୟାର ସେଣ୍ଟର। ଅବିଶ୍ୱାସ ଲାଗିଲେ ବି ଏହା ସତ। ଚାଇନା, ଆମେରିକା ସମେତ ଆହୁରି ଅନେକ କିଛି ଦେଶରେ ଏହି ଚଳଣି ଜୋର୍ ଧରିଛି। ମହିଳାମାନେ ଶପିଂ ଗଲାବେଳେ ଘଣ୍ଟା ଘଣ୍ଟା ସମୟ ନିଅନ୍ତି, ଯେଉଁଥିପାଇଁ ପୁରୁଷମାନେ ବିରକ୍ତ




ହୋଇଯାଆନ୍ତି। ଏଭଳି କ୍ଷେତ୍ରରେ ସ୍ୱାମୀମାନେ ସ୍ତ୍ରୀଙ୍କ ସହ ଶପିଂ ନ ଯାଇ ଏହି ଡେ' କେୟାର୍ ସେଣ୍ଟରକୁ ଯାଇପାରିବେ। ସ୍ତ୍ରୀମାନେ ବି ନିଜ ବାନ୍ଧବୀମାନଙ୍କ ସହ ଫିଲ୍ମ ଦେଖିବାକୁ ଯିବାର ଥିଲେ ସ୍ୱାମୀଙ୍କୁ ଏଠାରେ ଛାଡିପାରିବେ। ଏହି ଡେ' କେୟାର ସେଣ୍ଟରରେ ବିଭିନ୍ନ ପ୍ରକାର ଡ୍ରିଙ୍କ୍ସ ଓ ଖାଇବାର ବ୍ୟବସ୍ଥା ମଧ୍ୟ ଥାଏ। ଫଳରେ ଏଠାରେ ପାର୍ଟି କରିହେବ, ବିଭିନ୍ନ ପ୍ରକାରର ଗେମ୍ସ ଖେଳିହେବ ଓ ଚାହିଁଲେ ମୁଭି ବି ଦେଖିହେବ ; ଯଦ୍ୱାରା ସ୍ତ୍ରୀମାନେ ଆରାମରେ ବିନା ଚିନ୍ତାରେ ଶପିଂ ଓ ବୁଲାବୁଲି କରିପାରିବେ।



# କଖାରୁ ଫୋପାଡ଼ିବା ପ୍ରତିଯୋଗିତା



କଖାରୁ ଏକ ପରିବା। ଏଥିରେ ଆମେ ବିଭିନ୍ନ ପ୍ରକାରର ଖାଦ୍ୟ ତିଆରି କରିଥାଉ। ହେଲେ ଆମେରିକାରେ ଏହାକୁ ନେଇ ପ୍ରତିବର୍ଷ ଆୟୋଜିତ ହୋଇଥାଏ ଏକ ପ୍ରତିଯୋଗିତା। ଯେଉଁଥିରେ କଖାରୁକୁ ଫୋପଡ଼ା ଯାଏ। ଏଥିପାଇଁ ମେସିନ୍ ବି ବ୍ୟବହାର କରାଯାଏ। ଯିଏ କଖାରୁକୁ ଯେତେ ଅଧିକ ଦୂର ଫୋପାଡ଼ି ପାରିବ, ସେ ହୁଏ ବିଜେତା। ଏହି ପ୍ରତିଯୋଗିତାର ନାମ ହେଉଛି 'ପନକିନ୍ ଚନକିନ୍'। ନଭେମ୍ବର ମାସ ଆରମ୍ଭରେ ଏହି ପ୍ରତିଯୋଗିତା ହୁଏ। ହାଲୋୱିନ୍‌ରେ ବ୍ୟବହାର କରାଯାଇଥିବା କଖାରୁ ଓ ବଳକା କଖାରୁକୁ ଏଥିରେ ଫୋପଡ଼ା ଯାଇଥାଏ। ଉଦ୍ଦେଶ୍ୟ ହେଉଛି ସେହି କଖାରୁଗୁଡିକୁ ଡିସ୍‌ପୋଜ୍ କରିବା। ୧୯୮୫ରୁ ଏହି ପ୍ରତିଯୋଗିତା ପ୍ରତିବର୍ଷ ଆୟୋଜିତ ହେଉଛି।





# ଟାଇଟାନିକ୍ ଜାହାଜ ପରି ଘର

ସମସ୍ତେ ଚାହାନ୍ତି ନିଜର ଏକ ସୁନ୍ଦର ଘର ହେଉ। ଯାହାକୁ ସେମାନେ ନିଜ ମନ ମୁତାବକ ଡିଜାଇନ୍ କରିବେ ଓ ନିଜ ମନ ମୁତାବକ ସଜାଇବେ। ହେଲେ କାହାର ଏଇ ସ୍ୱପ୍ନ ସତ ହେଇପାରେ ତ କାହାର ନୁହେଁ। ତେବେ ପଶ୍ଚିମବଙ୍ଗରେ ରହୁଥିବା ମିଣ୍ଟୁ ରୟ ନାମକ ଜଣେ କୃଷକ ନିଜ ସ୍ୱପ୍ନର ଘରକୁ ରୂପ ଦେବାରେ ସଫଳ ହୋଇପାରିଛନ୍ତି। ସେ ଚାହୁଁଥିଲେ ତାଙ୍କର ଘର ଟାଇଟାନିକ ଜାହାଜ ପରି ହେବ। ହଁ, ସେଇ ବିଶ୍ୱ ପ୍ରସିଦ୍ଧ ଟାଇଟାନିକ ଜାହାଜ, ଯାହା ପ୍ରଥମ ଯାତ୍ରାରେ ହିଁ ବୁଡି ଯାଇଥିଲା। ସେହି ଜାହାଜ ଆକାରର ଘରକୁ ପୁରା କରିବା ପାଇଁ ସେ ନିଜେ ଉକ୍ତ ଘରର ଡିଜାଇନ୍ କଲେ। ଆର୍ଥିକ ଅଭାବ ପାଇଁ କିଛି ବର୍ଷ ଏହାର ନିର୍ମାଣ କାର୍ଯ୍ୟ ବନ୍ଦ ମଧ୍ୟ ହୋଇଥିଲା। ସେ ଯେତେବେଳେ ଜାଣିଲେ ଯେ, ମିସ୍ତ୍ରୀଙ୍କୁ ମଜୁରି ଦେବାକୁ ସେ ଅସମର୍ଥ, ସେତେବେଳେ ନିଜେ ସେହି କାମ କରିବାକୁ ନିଷ୍ପତ୍ତି ନେଲେ। ଆଉ ତିନି ବର୍ଷ ନେପାଳ ଯାଇ ରାଜମିସ୍ତ୍ରୀ କାମର ତାଲିମ ନେଲେ। ଫେରିଲା ପରେ ସେ ନିଜେ ରାଜମିସ୍ତ୍ରୀ ସାଜି ସ୍ୱପ୍ନର ଘରକୁ ରୂପ ଦେଲେ। ୨୦୧୦ରେ ଏହି ଘରର ତିଆରି କାମ ଆରମ୍ଭ ହୋଇଥିଲା। ୩୯ ଫୁଟ ଲମ୍ବା ଓ ୧୩ ଫୁଟ ଚଉଡା ଏହି ଘରର ଉଚ୍ଚତା ପ୍ରାୟ ୩୦ ଫୁଟ। ଉକ୍ତ ଘରଟି ଏବେ ଏହି ଅଞ୍ଚଳରେ ମୁଖ୍ୟ ଆକର୍ଷଣ ପାଲଟିଛି। ହେଲେ ଏହାର କାମ ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇ ନାହିଁ। ଯା' ମଧ୍ୟରେ ୧୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇସାରିଲାଣି। ଚାଷ କରି ଯାହା ରୋଜଗାର ହେଉଛି ସେଥିରେ ସେ ଧୀରେ ଧୀରେ ଏହାର ନିର୍ମାଣ କରୁଛନ୍ତି। ଆଗାମୀ ବର୍ଷ ଏହାର କାମ ସମ୍ପୂର୍ଣ୍ଣ ହେବ ବୋଲି ମିଣ୍ଟୁ କୁହନ୍ତି। ଏହି ଘରର ଉପର ମହଲାରେ ସେ ଏକ ରେଷ୍ଟୁରାଣ୍ଟ କରିବାର ଯୋଜନା ବି କରିଛନ୍ତି।